


# ହୁମା ମନ୍ଦିର ପାର୍କ ପରିଷ୍କାର ହେଲା, ଖୋଲିନି ତାଲା

ସକାଳ THE SAKALA ପ୍ରଭାବ

**ସମ୍ବଲପୁର/ମାନେଶ୍ୱର, ୧୫।୩(ସମିସ)**

ସମ୍ବଲପୁର ଜିଲ୍ଲା ମହାନଦୀ କୂଳରେ ରହିଛି ହୁମା ବକ୍ର ମନ୍ଦିର। ମନ୍ଦିରରେ ପୂଜା ପାଉଛନ୍ତି ବାବା ବିମଳେଶ୍ୱର ମହାଦେବ। ମହାନଦୀରେ କୁଡ଼ୋ ମାଛ ଦେଖାଯାଆନ୍ତି। ଏହା ଏହି ସ୍ଥାନର ବିଶେଷତ୍ୱ ଅଟେ। ତେଣୁ ବର୍ଷତମାମ ଏହି ସ୍ଥାନକୁ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁମାନଙ୍କ ସୁଅ ଛୁଟିଥାଏ। ହେଲେ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ପାର୍କ ପରିକ୍ତତ ହୋଇ ପଡ଼ିରହିଥିଲା। ରାଜ୍ୟ ସରକାର ଅନୁଦାନ ଦେଇ ପାର୍କ, ଶୌଚାଳୟ ସହିତ ବିଭିନ୍ନ ବିକାଶମୂଳକ କାମ ହାତକୁ ନେଇଛନ୍ତି। ଏହାକୁ ନେଇ ସକାଳରେ ଗତ ୨ ତାରିଖ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶିକ ହେବା ପରେ ବ୍ଲକ ପ୍ରଶାସନ ଓ ମନ୍ଦିର ଦାୟିତ୍ୱରେ ଥିବା କର୍ମକର୍ତ୍ତାଙ୍କ ଚେତା ପଶିଲା। ପାର୍କରେ ଥିବା ଅନାବନା ଗଛ ଗୁଡ଼ିକ ସଫା କରିଦିଆଯାଇଛି। ପରିଷ୍କାର ଦିଶୁଛି। ହେଲେ କେଉଁ କାରଣରୁ ଆଜି ମଧ୍ୟ ପାର୍କ ସର୍ବ ସାଧାରଣ ଲୋକଙ୍କ ପାଇଁ ଖୋଲାଯାଉ ନାହିଁ। ଗେଟାରେ ତାଲା ମାରି ଦିଆଯାଇଛି। ତେଣୁ କାହା ପାଇଁ ପାର୍କ ନିର୍ମାଣ ହୋଇଛି। କାହିଁକି ଏଭଳି ଭାବେ ବନ୍ଦ କରି ରଖାଯାଇଛି। ସଠିକ୍ ଭାବେ ରକ୍ଷଣାବେକ୍ଷଣ କାହିଁକି କରାଯାଉ ନାହିଁ ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଶୀଘ୍ର ସମ୍ପୂର୍ଣ୍ଣ ଭାବେ



ପାର୍କକୁ ବ୍ୟବହାର ଉପଯୋଗୀ କରି ପର୍ଯ୍ୟଟକ ମାନଙ୍କ ପାଇଁ ଖୋଲାଯାଉ ବୋଲି ଦାବି ହେଉଛି। ସୂଚନାଯୋଗ୍ୟ, ମନ୍ଦିର ପାରିପାର୍ଶିକ ବିକାଶ ପାଇଁ ଅନୁଦାନ ପ୍ରଦାନ କରିଥିବା ବେଳେ ଅନେକ ଉନ୍ନୟନ କାମ ହୋଇଛି। ହେଲେ ରକ୍ଷଣାବେକ୍ଷଣ ଅଭାବ ଯୋଗୁଁ ଏହି ପ୍ରସିଦ୍ଧ ମନ୍ଦିର ଅନେକ ସମସ୍ୟା ରହିଛି। ଯାହାକୁ ନେଇ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ଅସନ୍ତୋଷ ପ୍ରକଟ କରୁଛନ୍ତି। ଏଠାରେ ଥିବା ଶୌଚାଳୟରେ ପାଣି ସୁବିଧା ନଥିବାରୁ ଏହା ବ୍ୟବହାର ହୋଇ ପାରୁନାହିଁ। ଏହା ବ୍ୟତୀତ ଏଠାରେ ପର୍ଯ୍ୟଟକ ମାନଙ୍କ ପାଇଁ ପର୍ଯ୍ୟାପ୍ତ ପରିମାଣରେ ପିଇବା ପାଣିର ବ୍ୟବସ୍ଥା ମଧ୍ୟ ନାହିଁ। ଦୂର ଦୂରାନ୍ତରରୁ ଆସୁଥିବା ପର୍ଯ୍ୟଟକମାନେ ଶୌଚ ପାଇଁ ଅପଦସ୍ତ ହେଉଛନ୍ତି। ଶୌଚାଳୟ ଥିଲେ ମଧ୍ୟ ଏହା ବ୍ୟବହାର ହେଉ ନଥିବାରୁ ଲୋକେ ନଦୀ କଡ଼ରେ ମଳତ୍ୟାଗ କରିବାକୁ ବାଧ ହେଉଛନ୍ତି। ଫଳରେ ପ୍ରଦୂଷଣ ବୃଦ୍ଧି ପାଇ ମନ୍ଦିର ନିକଟରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ସେହିପରି ଏହି କିଛି ବର୍ଷ ତଳେ ନିର୍ମାଣ ହୋଇଥିବା ଶିଶୁ ଉଦ୍ୟାନ ଅବସ୍ଥା ମଧ୍ୟ ଶୋଚନୀୟ ହୋଇପଡ଼ିଥିଲା। ରାଜ୍ୟ ସରକାର ମନ୍ଦିର ପାରିପାର୍ଶିକ ବିକାଶ ପାଇଁ ୮ କୋଟି ଟଙ୍କା ଗତ ମାସରେ ମଞ୍ଜୁର କରିଛନ୍ତି। ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ଏହି ମନ୍ଦିରକୁ ସାମିଲ କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୮କୋଟି ଆସିବା ପରେ ପରବର୍ତ୍ତୀ ସମୟରେ ସମ୍ପୂର୍ଣ୍ଣ ବିକାଶ କରାଯିବାକୁ ଏକ ବିଶେଷଜ୍ଞ ଦଳ ମନ୍ଦିର ପରିଦର୍ଶନ ମଧ୍ୟ କରି ସାରିଛନ୍ତି। ଫଳରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କୁ ଲୋକେ କୃତଜ୍ଞତା ଜଣାଇଥିଲେ। ମହାନଦୀର ଜଳରାଶି, ପ୍ରାକୃତିକ ପରିବେଶ ପର୍ଯ୍ୟଟକଙ୍କୁ ବେଶ୍ ଆକର୍ଷିତ କରିଥାଏ। ତେଣୁ ବର୍ଷତମାମ ପର୍ଯ୍ୟଟକଙ୍କ ଭିଡ଼ ହୋଇଥାଏ। ମହାନଦୀରେ ନୌକାବିହାର ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ମଜା ନେବାକୁ ବହୁ ଲୋକ ଏଠାକୁ ଆସିଥାନ୍ତି।

### ଭାରୀଯାନ ଯୋଗୁଁ ଉପୁଡ଼ି ଯାଉଛି ପିଏମ୍‌ଜିଏସ୍‌ୱାଇ ରାସ୍ତା

# କାର୍ଯ୍ୟାନୁଷ୍ଠାନ ପାଇଁ ଲୋକଙ୍କ ଦାବି

**ସମ୍ବଲପୁର, ୧୫।୩(ସମିସ):** ପ୍ରତି ପଞ୍ଚାୟତରେ ଗମନାଗମନ ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା (ପିଏମ୍‌ଜିଏସୱାଇ) ଯୋଜନାରେ ରାସ୍ତା ନିର୍ମାଣ କରାଯାଇଛି। ଗ୍ରାମାଞ୍ଚଳରେ ସୁଗମ ହେଉଛି ଯାତାୟତ। ଯୋଡ଼ି ହେଉଛି ପଞ୍ଚାୟତରୁ ଆଉ ଏକ ପଞ୍ଚାୟତ। ଅଞ୍ଚଳବାସୀ ମଧ୍ୟ ରାସ୍ତା ପାଇଁ ବହୁତ ଖୁସି। ହେଲେ ତାଙ୍କ ଖୁସି କ୍ଷଣସ୍ଥାୟୀ ହୋଇ ରହିଯାଉଛି। ରାସ୍ତା କାମ ଚାଲିଥିବା ଓ ଶେଷ ହେବାପରେ ଭାରିଯାନ ଚଳାଚଳ କରିବାରୁ ରାସ୍ତା ଉପୁଡ଼ି ଯାଉଛି। ରାସ୍ତାର କ୍ଷମତାଠାରୁ ଅଧିକ ଓଜନର ଭାରିଯାନ ଯିବାଆସିବା କରୁଥିବାରୁ ଏଭଳି ହେଉଥିବା ଲୋକମାନେ ଅଭିଯୋଗ କରୁଛନ୍ତି। ରାସ୍ତା ଉପରେ ଭାରିଯାନ ଚଳାଚଳ ବନ୍ଦ କରିବା ଓ ଯେଉଁ ଗାଡ଼ିମାନେ



ନ ମାନିବେ ମୋଟା ଅଙ୍କର ଜରିମାନା ଆଦାୟ କରିବାକୁ ଲୋକମାନେ ଦାବି କରୁଛନ୍ତି। ଲୋକଙ୍କ ଅଭିଯୋଗ ପାଇ ଗ୍ରାମ୍ୟ ଉନ୍ନୟନ ବିଭାଗ ମଧ୍ୟ ଭାରିଯାନ ଚଳାଚଳ ରୋକିବାକୁ ଡିଭାଇଡର ଦେଇ ରାସ୍ତାକୁ ସଙ୍କୁଚିତ କରିଥିଲେ। ହେଲେ ପରିବହନ ସଂସ୍ଥା ଗୁଡିକ ଡିଭାଇଡରକୁ ମଧ୍ୟ ଭାଙ୍ଗି ଦେଉଥିବା ଅଭିଯୋଗ ହେଉଛି। ଏ ନେଇ ପ୍ରଶାସନ ଦୃଷ୍ଟି ଦେବାକୁ ଫାଶିମାଲ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି। ଅଭିଯୋଗ କ୍ରମେ ସମ୍ବଲପୁର ଜିଲ୍ଲା ଫାଶୀମାଲ-ପୁରୁଣା ଭାୟା ବଞ୍ଜାରିବାହାଲ ରାସ୍ତା ନିର୍ମାଣ ହେଉଛି। ଏହି ରାସ୍ତା ନିର୍ମାଣାଧୀନ ଥିବାବେଳେ ପ୍ରତିଦିନ ଏହା ଉପରେ ଶତାଧିକ ହାଇୱା ଓଭରଲୋଡ ନେଇ ଯାତାୟାତ ହେଉଛି। ଫଳରେ କେତେକ ସ୍ଥାନରେ ପିଚୁ ଉଠିଯାଇଥିବା ବେଳେ ମାଟି ଦବିଯିବାକୁ ବସିଛି। କାମ ନ ସରୁଣୁ ରାସ୍ତା ପୁଣି ମରାମତି କରିବାକୁ ପଡୁଛି। ଭାରିଯାନ ଚଳାଚଳ ମନାଥିବା ଫାଶିମାଲ-ପୁରୁଣାରାଞ୍ଚି ରାସ୍ତାରେ ଭାରିଯାନ ଚଳାଚଳ କରୁଛି। ଆର୍‌ଡି ବିଭାଗର ଜେଇ ଏ ନେଇ ଲିଖିତ ରିପୋର୍ଟ ଦେଇଛନ୍ତି। ଭାରିଯାନ ଚଳାଚଳ କରିବା ଭଳି ଡିଜାଇନ ରାସ୍ତାର କରାଯାଉ ନାହିଁ। ଗ୍ରାମାଞ୍ଚଳ ରାସ୍ତା ହାଲୁକା ଯାନ ପାଇଁ ରହିଛି। ହେଲେ ଭାରିଯାନ ଚଳାଚଳ କରୁଥିବାରୁ ରାସ୍ତା ନଷ୍ଟ ହେଉଛି। ରିପୋର୍ଟକୁ ଆଧାର କରି ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳ ଓ ମୁଖ୍ୟଯନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ଏହାସହ ପିଚୁ ଉଠିଯାଇ ରାସ୍ତା ଖାଲଖମା ହେବାରୁ ଏହାର ସ୍ଥାୟୀତ୍ୱ ନେଇ ପ୍ରଶ୍ନ ଉଠୁଛି। ସାଧାରଣ ଭାବେ ଯାତାୟତ କରୁଥିବା ଆମ୍ବୁଲାନ୍ସ, କାର୍, ଅଟୋ, ବାଇକ୍ ପାଇଁ ସମସ୍ୟା ହେଉଛି। ହାଇୱାଗୁଡିକ ଏହି ଅଞ୍ଚଳର କେତେକ କମ୍ପାନୀ, କ୍ରସରକୁ ମାଲ ପରିବହନ କରୁଛନ୍ତି। ସୂଚନାଯୋଗ୍ୟ, ପିଏମ୍‌ଜିଏସୱାଇରେ ୧୦ଟନ୍ ଓଜନ କ୍ଷମତା ବିଶିଷ୍ଟ ଗାଡ଼ି ଚଳାଚଳ କରିବା ପାଇଁ ଡିଜାଇନରେ ରାସ୍ତା ନିର୍ମାଣ କରାଯାଉଛି। ସେହି ଅନୁସାର ରାସ୍ତାର ଦୈର୍ଘ୍ୟ, ପ୍ରସ୍ଥ ଓ ମେଟେରିଆଲରେ ନିର୍ମାଣ ହୋଇଥାଏ। ହେଲେ ଗୋଟିଏ ହାଇୱାରେ ତିନିଗୁଣା ଓଜନ ଲୋଡ କରି ଯାତାୟତ କରୁଛି ତେଣୁ ଏଭଳି ସମସ୍ୟା ଦେଖାଦେଇଛି।

### ସାଧାରଣ ନିର୍ବାଚନ ପାଇଁ ପ୍ରଶାସନ ପ୍ରସ୍ତୁତ

# ବିଇଡି କଲେଜ, ଜିଲ୍ଲା ସ୍କୁଲରେ ଅଧିକାରୀଙ୍କୁ ତାଲିମ

**ସମ୍ବଲପୁର, ୧୫।୩(ସମିସ):** ସାଧାରଣ ନିର୍ବାଚନ ପାଇଁ ଜିଲ୍ଲା ପ୍ରଶାସନର ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ଆଜି ନିର୍ବାଚନରେ ନିୟୋଜିତ ହେବାକୁ ଥିବା ଅଧିକାରୀ, କର୍ମଚାରୀ ମାନଙ୍କୁ ବିଇଡି କଲେଜ ଓ ଜିଲ୍ଲା ସ୍କୁଲରେ ୫ଦିନିଆ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏହି ତାଲିମ ଶିବିରରେ ଜିଲ୍ଲାରେ ପୁଲିଂ ଓ ପ୍ରିଜାଇଡିଂ ଅଧିକାରୀ ଯୋଗ ଦେଇଛନ୍ତି। ବିଇଡି କଲେଜରେ ୪୦୦ ଜଣ ତାଲିମ ନେଉଥିବା ବେଳେ ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲରେ ୪୫୦ଅଧିକାରୀ ତାଲିମ ଗ୍ରହଣ କରୁଛନ୍ତି। ୧୯ ତାରିଖ ପର୍ଯ୍ୟନ୍ତ ତାଲିମ ପ୍ରଦାନ କାର୍ଯ୍ୟକ୍ରମ ଜାରି ରହିବ। ଇଭିଏମ୍, ଭିଭିପ୍ୟାଟ୍ କିପରି ସଂଯୋଗ କରିବେ, କଣ୍ଟ୍ରୋଲ ୟୁନିଟ୍ କାର୍ଯ୍ୟ ସମ୍ପର୍କରେ ବିସ୍ତୃତ ଭାବରେ ତାଲିମ ଦିଆଯାଉଛି। ଏଥି ସହିତ ମକ ପୁଲିଂ କେତେଟା ଓ କିପରି କରାଯିବ ତାହା ସମସ୍ତ ତାଲିମଦାତାଙ୍କୁ ତାଲିମ ଦିଆଯାଉଛି।



ଅତିରିକ୍ତ ତହସିଲଦାର ଅମିତା ପଟ୍ଟନାୟକ, ଏସଏମସି ଡେପୁଟି କମିଶନର ଶଙ୍କର ପ୍ରସାଦ ସାହୁ, ଡେପୁଟି କମିଶନର ଶୁଭଦୀପତା ମହାନ୍ତି, ସହକାରୀ ଜିଲ୍ଲାପାଳ ସୁଶାନ୍ତ କୁମାର ନାୟକ, ଏଡିଇଓ ମୁରଲୀଧର ବେହେରା ଓ ଜୟଶ୍ରୀ ଦୋରା, ଡେପୁଟି କଲେକ୍ଟର ଅଭିଷେକ କିଷାନ, ଆସିଷ୍ଟାଣ୍ଟ କଲେକ୍ଟର ଜଲି ରାଣୀ ପ୍ରଧାନଙ୍କ ସମେତ ଏଏଲ୍‌ଏମ୍‌ଟି ପ୍ରଶିକ୍ଷଣ ଦେଉଛନ୍ତି। ଆସନ୍ତା ସାଧାରଣ ନିର୍ବାଚନକୁ ମୁକ୍ତ ଓ ନିରପେକ୍ଷ ଭାବେ ପରିଚାଳନା କରିବାକୁ ଜିଲ୍ଲା ପ୍ରଶାସନର ସବୁ ପ୍ରକାର ପ୍ରସ୍ତୁତି ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଛି। ସୂଚନାଯୋଗ୍ୟ, ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ରାଜନୈତିକ ଦଳ ଗୁଡିକୁ ନେଇ ବୈଠକ ହୋଇଥିଲା।

## ଜିଲ୍ଲାପାଳଙ୍କୁ ଭେଟିଲେ କଳାମାଟି ସରପଞ୍ଚ

**ବୁର୍ଲା, ୧୫।୩(ସମିସ):** ସମ୍ବଲପୁର ଜିଲ୍ଲାପାଳଙ୍କୁ ଭେଟି ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି କଳାମାଟି ସରପଞ୍ଚ ସୁଷମା ସାହୁ। ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକୁ କିପରି ତ୍ୱରାନ୍ୱିତ କରାଯିବ ସେନେଇ ଆଲୋଚନା କରିଛନ୍ତି। ଧନକଉଡ଼ା ବ୍ଲକର ଓଡ଼ିଶା ଆଦର୍ଶ ବିଦ୍ୟାଳୟଟି କଳାମାଟି ପଞ୍ଚାୟତରେ ଅବସ୍ଥିତ ଥିବାରୁ ବିଦ୍ୟାଳୟର ଉନ୍ନତି ତଥା ବିଭିନ୍ନ ସରକାରୀ ବିଦ୍ୟାଳୟରେ ଖାଲିପଡ଼ିଥିବା ଶିକ୍ଷକ ପଦବୀ ପୂରଣ ପାଇଁ ଶ୍ରୀମତୀ ସାହୁ ଜିଲ୍ଲାପାଳଙ୍କ ଠାରେ ଦାବି କରିଛନ୍ତି।

# ସାମ୍ବାଦିକ ସୁରକ୍ଷା ଆଇନ୍ ଓ ପେନ୍‌ସନ ଦାବି

**ରେଢ଼ାଖୋଲ/ରେଙ୍ଗାଲି, ୧୫।୩(ସମିସ):** ସାମ୍ବାଦିକଙ୍କୁ ସୁରକ୍ଷା, ପେନସନ ଆଦି ବିଭିନ୍ନ ଦାବି ନେଇ ଓୟୁଜେର ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ଆହ୍ୱାନ କ୍ରମେ ସମ୍ବଲପୁର ଜିଲ୍ଲା ରେଢାଖୋଲ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଓଡ଼ିଶା ସାମ୍ବାଦିକ ୟୁନିୟନ ରେଢାଖୋଲ ୟୁନିଟ୍ ତରଫରୁ ପ୍ରତିବାଦ ଦିବସ ପାଳନ କରାଯାଇଥିଲା। ସାମ୍ବାଦିକ ମାନଙ୍କୁ ପେନସନ ରାଶି ପ୍ରଦାନ ଏବଂ ସାମ୍ବାଦିକ ମାନଙ୍କ ପାଇଁ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ ଆଦି ଦାବିରେ ରେଢାଖୋଲ ୟୁନିଟ୍ ର ସମସ୍ତ ସଦସ୍ୟ କଳା ବ୍ୟାଚ୍ ପରିଧାନ କରି ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ କରିଥିଲେ। ଏଥିରେ ରେଢ଼ାଖୋଲ ୟୁନିୟନର ସଭାପତି ଜୟନ୍ତ କୁମାର ଖଡିରତ୍ନ, ଉପସଭାପତି ତପନ କୁମାର ବିଶ୍ୱାଳ, ସଂପାଦକ ଶଙ୍କର ପୃଷ୍ଟି, ବରିଷ୍ଠ ସାମ୍ବାଦିକ ରମାକାନ୍ତ ମହାନନ୍ଦ, ମିଡିଆ କୋଅର୍ଡିନେଟର କନ୍ଦର୍ପ ବେହେରା, ପ୍ରସନ୍ନ କୁମାର ପ୍ରଧାନ, ଯଶୋବନ୍ତ ନାରାୟଣ ସାହୁ, ଅନୀଲ କୁମାର ପୃଷ୍ଟି, ସରୋଜ କୁମାର ସାହୁ, ବିଦ୍ୟାଧର ମାଝୀ, ଲିଙ୍ଗରାଜ ସାହୁ, ମମତା ପାତ୍ର, ସୁଧୀର ସୁନା, ରୋହିତ ଭୋଇ, ମଦନ ବେହେରା ପ୍ରମୁଖ ସହିତ ଅନ୍ୟ ସଦସ୍ୟ ମାନେ ସାମିଲ୍ ରହିଥିଲେ।






ସେହିପରି ଓୟୁଜେ ରେଙ୍ଗାଲି ଶାଖା ପକ୍ଷରୁ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ସାମ୍ବାଦିକମାନେ କଳା ବ୍ୟାଚ ପିନ୍ଧି ପ୍ରତିବାଦ କରିଥିଲେ। ଜିଲ୍ଲା ସଂଘର ଉପଦେଷ୍ଟା ସଭ୍ୟ ଦୁର୍ଗା ଶଙ୍କର ବାଗ, କର୍ମକର୍ତ୍ତା ହେମନ୍ତ ରାଉତ, ସଂଘର ରେଙ୍ଗାଲି ଶାଖା ସଭାପତି ଜଗନ୍ନାଥ ମେହେର, ଉପସଭାପତି ଦିନେଶ ମାହାନା, କୋଷାଧକ୍ଷ ହିମାଂଶୁ ଦାସ, ସୁନୀଲ ନାଥ, ମନୋଜ ମୁଦୁଲି ପ୍ରମୁଖ ସାମ୍ବାଦିକ ଏଥିରେ ସାମିଲ ଥିଲେ।

## ଗୁଳିମାଡ଼ କରି ଫେରାର ଥିବା ଅଭିଯୁକ୍ତ ଗିରଫ, ବନ୍ଧୁକ ଜବତ

**ରେଢ଼ାଖୋଲ, ୧୫।୩(ସମିସ):** ସମ୍ବଲପୁର ଜିଲ୍ଲା ଚାରମାଲ ଥାନା କ୍ଷେତିନାଳି ଗ୍ରାମରେ ଗତବର୍ଷ ଅଗଷ୍ଟ ୧୫ତାରିଖରେ ସଂଘଟିତ ଗୁଳିକାଣ୍ଡ ଘଟଣାର ଅଭିଯୁକ୍ତ ସ୍ୱାଧୀନ ପ୍ରଧାନକୁ ପୁଲିସ ଗିରଫ କରିଛି। ସୂଚନା ଅନୁସାରେ, ସ୍ୱାଧୀନ ଅନ୍ୟ ଜଣକୁ ନିଜ ସ୍ତ୍ରୀର ପ୍ରେମିକ ସନ୍ଦେହରେ ଏକ ଦେଶୀ ବନ୍ଧୁକରେ ଗତବର୍ଷ ଅଗଷ୍ଟ ୧୫ ତାରିଖ ବିଳମ୍ବିତ



ରାତିରେ ଗୁଳିମାଡ଼ କରିଥିଲା। ଏହାପରେ ଉକ୍ତ ଦିନରୁ ସ୍ୱାଧୀନ ଫେରାର ରହିଥିଲା। ଦୀର୍ଘ ଛଅମାସ ପରେ ଗୁରୁବାର ପୁଲିସ ସ୍ୱାଧୀନକୁ ଗିରଫ କରିବା ସହ ତା'ଠାରୁ ଏକ ଦେଶୀ ବନ୍ଧୁକ ମଧ୍ୟ ଜବତ କରିଛି। ଏ ସଂକ୍ରାନ୍ତରେ ଚାରମାଳ ପୁଲିସ କେସ ନଂ ୧୬/୨୩ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରିଛି।

### ଏନ୍‌ଏସ୍‌ଏସ୍‌ର ୩ଦିନିଆ ନେତୃତ୍ୱ ପ୍ରଶିକ୍ଷଣ ଶିବିର

# ୧୫ଟି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ ଅଫିସରଙ୍କ ଯୋଗଦାନ

**କୁଚିଣ୍ଡା, ୧୫।୩ (ସମିସ)**

କୁଚିଣ୍ଡା ମହାବିଦ୍ୟାଳୟରେ ଜାତୀୟ ସେବା ଯୋଜନା ତରଫରୁ ୩ଦିନିଆ ନେତୃତ୍ୱ ପ୍ରଶିକ୍ଷଣ ଶିବିର ହୋଇଯାଇଛି। ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅନ୍ତର୍ଗତ ୩ଟି ଜିଲ୍ଲାର ୧୫ଟି ମହାବିଦ୍ୟାଳୟର ସ୍ୱେଚ୍ଛାସେବୀ ଓ ପ୍ରୋଗ୍ରାମ ଅଫିସର ଯୋଗ ଦେଇଥିଲେ। ଏହି ଶିବିର ମଧ୍ୟରେ ସ୍ୱଚ୍ଛତା, ଭୋଟର ସଚେତନତା, ସ୍ୱାସ୍ଥ୍ୟ ସଚେତନତା, ଦେଶପ୍ରେମ, ରାଷ୍ଟ୍ର ଗଠନ, ଯୁବ ସମାଜ ତଥା ବ୍ୟକ୍ତିତ୍ୱର ବିକାଶ ଉପରେ ଗୁରୁତ୍ୱ ଦେଇ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। କାର୍ଯ୍ୟକ୍ରମରେ କେଶେଇବାହାଲ, କୁନ୍ତରା, ଜମନକିରା, ଲଇଡା, କୋଲାବିରା, ଦେବଗଡ଼ ମଡେଲ କଲେଜ, ମହିଳା ବିଦ୍ୟାଳୟ, ଦେବଗଡ଼ କଲେଜ ଦେବଗଡ଼, ମହୁଲପାଲି, ଧମା, ଏନ୍‌ସିବି, ସମ୍ବଲପୁର ମହିଳା ମହାବିଦ୍ୟାଳୟ ସମେତ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଭାଗ ନେଇଥିଲେ। ବିଭିନ୍ନ ବିଷୟର ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ପିଲାମାନଙ୍କୁ ବୌଦ୍ଧିକ ପର୍ଯ୍ୟାୟରେ ବର୍ଣ୍ଣନା କରିଥିଲେ। ସକାଳ ୫ଟାରୁ ଆରମ୍ଭ ହେଇ ରାତି ୧୦ଟା ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା କରାଯାଇଥିଲା। ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦଯାପନୀ ସଭାରେ ମୁଖ୍ୟଅତିଥି ଭାବେ କୁଚିଣ୍ଡା ବିଜ୍ଞାପିତ ଅଞ୍ଚଳ ଅଧକ୍ଷ ପ୍ରଦ୍ୟୁତ କୁମାର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଭାସ୍କର ଚନ୍ଦ୍ର ବେହେରା, ପରିଚାଳନା କମିଟି ସଦସ୍ୟ କୌଶିକା ଶର୍ମା ଯୋଗ ଦେଇଥିଲେ। ଏହି ଅବସରରେ ଜାତୀୟ ସ୍ତରରେ କଳା ଉତ୍ସବରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ଆଶୀର୍ବାଦ ମହାନ୍ତି, ବାମଣ୍ଡା କୁସୁମର ସ୍ରଷ୍ଟା କୁସୁମ ମହାକୁଲ, ସଂଯୋଜିକା ମିତା ବେହେରା, ରାଜ୍ୟ ପୁରସ୍କାର ପ୍ରାପ୍ତ ପୁରାତନ ସ୍ୱେଚ୍ଛାସେବୀ ସୌମ୍ୟରଞ୍ଜନ ପଟେଲଙ୍କୁ ପ୍ରଶଂସା ପତ୍ର, ଉପଢୌକନ ତଥା ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। କୁଚିଣ୍ଡା ବାଳକ ଉଚ୍ଚ ବିଦ୍ୟାଳୟର ଷଷ୍ଠ ଶ୍ରେଣୀର ଛାତ୍ର ବିଶାଳ ତିୱାରୀ, ସ୍ୱଳ୍ପ ବୟସରୁ ଝାଲମୁଢ଼ି ବିକ୍ରି କରି ଦୀର୍ଘଦିନରୁ ପରିବାର ପ୍ରତିପୋଷଣ କରୁଥିବାରୁ ତାଙ୍କୁ ସ୍ୱତନ୍ତ୍ର ରୂପେ ଏନ୍‌ଏସ୍‌ଏସ୍ ପକ୍ଷରୁ ସମ୍ମାନିତ କରାଯାଇଥିଲା। କୁଚିଣ୍ଡା ମହାବିଦ୍ୟାଳୟର ୧୪ଜଣ ଛାତ୍ରଛାତ୍ରୀ ଜାତୀୟ ଶିବିରରେ ଯୋଗଦାନ କରିଥିବାରୁ ତାଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ଅଫିସର ସୁଶ୍ରୀ ବେଳମତୀ କୁମୁରା ସୁଚାରୁ ରୂପେ ପରିଚାଳନା କରିଥିବା ବେଳେ କେସେଇବାହାଲ ମହାବିଦ୍ୟାଳୟର ପ୍ରୋଗ୍ରାମ ଅଫିସର ବିନୋଦ ବିହାରୀ ପୃଷେଠ୍ ଧନ୍ୟବାଦ ଅର୍ପଣ କରିଥିଲେ। ମହାନଦୀ ଶ୍ରେଷ୍ଠ ଦଳ, ଦେବଗଡ଼ ମହାବିଦ୍ୟାଳୟର ମନଦୀପ ସିଂ, କେଶେଇବାହାଲ ମହାବିଦ୍ୟାଳୟର ଖୁସି ଦଶଭାୟା ଶ୍ରେଷ୍ଠ ସ୍ୱେଚ୍ଛାସେବୀ ରୂପେ ମନୋନୀତ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଅଧାପିକା ମଞ୍ଜୁଶ୍ରୀ ସାହୁ, ମଞ୍ଜୁଶ୍ରୀ ଦାସ, ରିତୁପ୍ରୀୟା ନାଏକ, ମେନକା ନାଏକ, ଅଧାପକ ଦିବ୍ୟ ନାଗ, ମହାଦେବ ମେହେର, ପୁରାତନ ଛାତ୍ର ସଂସଦର ସଂପାଦକ ବାବୁନି ମହାନ୍ତି, ଏନ୍‌ଏସ୍‌ଏସ୍ ଏଡଭାଇଜର କମିଟି ସଦସ୍ୟ ମଳୟ ବେହେରା, ପ୍ରୋଗ୍ରାମ ଅଫିସର ତରୁଣ ପୃଷେଠ୍, ପ୍ରତାପ ଦାସ, ଆଦି ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ କିରାଣୀ ମାନସ ରଞ୍ଜନ ନାୟକ, ଅଧାପକ ଟିକେଶ୍ୱର ଘୁଗର, ଲେବ୍ ଆସିଷ୍ଟାଣ୍ଡ ସୁଜିତ ପୃଷେଠ ସହଯୋଗ କରିଥିଲେ।



## ବନାଗ୍ନି ପାଇଁ ସଚେତନତା ସଭା

**ରେଙ୍ଗାଲି, ୧୫।୩(ସମିସ):** ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବନାଞ୍ଚଳ ଅନ୍ତର୍ଗତ ଗୁମୋଲୋଇ ବନପାଳଙ୍କ କାର୍ଯ୍ୟାଳୟ ପରିସରରେ ବନାଗ୍ନି ପାଇଁ ଏକ ସଚେତନତା ସଭା ହୋଇଥିଲା। ରେଙ୍ଗାଲି ବନାଞ୍ଚଳ ଅଧିକାରୀ ସୁଜାତା ପଟେଲଙ୍କ ଅଧ୍ୟକ୍ଷତା ଓ ସମ୍ପାଦିକା ଅନିତା ପଟେଲଙ୍କ ସଂଯୋଜନାରେ ଏହି ସଭା ହୋଇଥିଲା। ସଭାରେ ସହାୟକ ବନ ସଂଯୋଜକ ମନୋଜ ଶିକା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ ତୁଷାରକାନ୍ତ ପାଣିଗ୍ରାହୀ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ। ସମାଜସେବୀ ବଂଶୀଧର କର ସମ୍ମାନିତ ଅତିଥି ଭାବରେ ଓ କୃଷି ବିଭାଗ ର ମମତା ନାଥ ନିମନ୍ତ୍ରିତ ଅତିଥି ଭାବରେ ଯୋଗ ଦେଇଥିଲେ। ଏହି ସଭାରେ ବନ ସମ୍ପଦର ସୁରକ୍ଷା ଉପରେ ଆଲୋଚନା କରାଯାଇଥିଲା। ସଭାରେ ଦାମୋଦର ମେହେର, ଗୋଲେଖ ଗାଇଗରିଆ, କିରଣ ବାଲା ରାଉତ, ରଜନୀଗନ୍ଧା ବିଶ୍ୱାଳଙ୍କ ସହ ରେଙ୍ଗାଲି ବନାଞ୍ଚଳ ଅଧିନସ୍ଥ ସମସ୍ତ ସୁରକ୍ଷା ସମିତିର ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଶେଷରେ ଦଳପତି ଶିବଶଙ୍କର ବିଭାର ଧନ୍ୟବାଦ ଅର୍ପଣ କରିଥିଲେ।



## ମିଗଜୋମ କ୍ଷୟକ୍ଷତି ସହାୟତା ଦାବି

# ସଂଯୁକ୍ତ କୃଷକ ସଂଗଠନର ଧାରଣା ଜାରି

**ବରଗଡ଼, ୧୫।୩(ସମିସ)**

ସଂଯୁକ୍ତ କୃଷକ ସଂଗଠନ ତରଫରୁ ବରଗଡ଼ ଜିଲ୍ଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ଚାଲିଥିବା ଆନ୍ଦୋଳନ ତୃତୀୟ ଦିନରେ ପହଞ୍ଚିଛି। ଶୁକ୍ରବାର ଭେଡେନ ବ୍ଲକର ଚାଷୀମାନେ ଧାରଣାରେ ସାମିଲ ହୋଇଥିଲେ। ମିଗଜୋମ ସହାୟତା ରାଶି ପ୍ରଦାନରେ ଅନିୟମିତତା ନେଇ ଏହି ଧାରଣା ଚାଲିଥିବା ବେଳେ ପ୍ରଶାସନିକ ନିରବତା ଆନ୍ଦୋଳନକୁ ଖୋରାକ ଯୋଗାଉଥିବା ନେଇ ଅଭିଯୋଗ ହୋଇଛି। ତିନିଦିନ ହେବ ସଂଯୁକ୍ତ କୃଷକ ସଙ୍ଗଠନ ପକ୍ଷରୁ ଜିଲ୍ଲା କୃଷି ମୁଖ୍ୟ କାର୍ଯ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିବା ବେଳେ ଶୁକ୍ରବାର ଭେଡେନ ବ୍ଲକ କୃଷକ ସଂଗଠନ ନେତୃତ୍ୱରେ ଉପେନ୍ଦ୍ର ଭୋଇଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ବରଗଡ଼ ଜିଲ୍ଲାରେ ଭେଡେନ ବ୍ଲକର ସର୍ବାଧିକ କ୍ଷୟକ୍ଷତି ହୋଇଥିବା ପ୍ରକାଶ କରିଥିଲେ। ଯାହାକି ୨୦ ପଞ୍ଚାୟତର ୯୬ ଖଣ୍ଡ ଗ୍ରାମର ୯୭୬୧ ହେକ୍ଟର ହାରାହାରି ୧୬,୭୮,୮୯,୨୦୦ ଟଙ୍କା କ୍ଷତିପୂରଣ ଦେବାପାଇଁ ଲିଖିତ ଭାବେ ଜିଲ୍ଲାପାଳ ସରକାରଙ୍କୁ ଜଣାଇଥିଲେ। ହେଲେ ଗୋଟିଏ ହେକ୍ଟର ମଧ୍ୟ କ୍ଷତିପୂରଣ ପାଇ ନ ଥିବାରୁ ଚାଷୀମାନଙ୍କ ମଧ୍ୟରେ




ଅସନ୍ତୋଷ ବୃଦ୍ଧି ପାଇଛି। ଯଦି ଦାବି ପୂରଣ ନ ହୁଏ ଆଗାମୀ ଦିନରେ ବରଗଡ଼ ଜିଲ୍ଲାର ସମସ୍ତ ତହସିଲ ଅଫିସରେ ତାଲା ବନ୍ଦ ଆନ୍ଦୋଳନ ହେବ ଏବଂ ଫସଲ ବୀମା କମ୍ପାନୀ ରିଲାଏନ୍ସ ଅଫିସକୁ ସବୁଦିନ ପାଇଁ ତାଲା ମରାଯିବା ସହ କଳା ତାଲିକାଭୁକ୍ତ କରିବାକୁ ବାଧ୍ୟ କରାଯିବ ବୋଲି ଶ୍ରୀ ଭୋଇ ସଭାରେ ଚେତାବନୀ ଦେଇଛନ୍ତି। ଆନ୍ଦୋଳନରେ କୋଶଳ ସେନା ଜ୍ଞାନେନ୍ଦ୍ର ବେହେରା, ରମେଶ ମହାପାତ୍ର, ସୁଦାମ ପାତ୍ର, ବିଜୟ ଲହରିଆ, କୈଳାସ ସେଠ, ମନୋରଞ୍ଜନ ପଧାନ, ଅକ୍ଷୟ ପଧାନ, ବିଶ୍ୱଜିତ ହୋତା, ଲୁକୁ ଦାସ, ଗଙ୍ଗାଧର ସାହୁ, ସୁଧୀର ସାହୁ, ମୁକୁନ୍ଦ ଦାସ, ସୁଧାଂଶୁ ଦୀପ, ବିରେନ କର, ବାବୁ ସାହୁ, ନିରଞ୍ଜନ ପଧାନ, ନନ୍ଦିଘୋଷ ଦାଶ, ସୁରେଶ ନିକେଣ୍ଡି, ଏକାଦଶିଆ ସାହୁ ସମେତ ଶହ ଶହ ଚାଷୀ ଉପସ୍ଥିତ ଥିଲେ। ବରପାଲି ବ୍ଲକ ଆଞ୍ଚଳିକ କୃଷକ ନେତୃତ୍ୱରେ ଏହି ଧାରଣା ଶନିବାର ମଧ୍ୟ ଜାରି ରହିବ ବୋଲି ପ୍ରକାଶ।

# ସଡ଼କ ଦୁର୍ଘଟଣାରେ ଜଣେ ମୃତ

**ବରଗଡ଼, ୧୫।୩(ସମିସ):** ବରଗଡ଼-ସମ୍ବଲପୁର ଜାତୀୟ ରାଜପଥର ବରାହଗୋଡାଠାରେ ଏକ ସଡକ ଦୁର୍ଘଟଣାରେ ଅତାବିରା ବ୍ଲକ ଉଡଙ୍ଗାପାଲି ଗ୍ରାମର ଆନନ୍ଦି ଦିପିଆ ଚାନ୍ଦ (୫୫)ଙ୍କ ମୃତ୍ୟୁ ଘଟିଛି। ମୃତ ଆନନ୍ଦି ଶୁକ୍ରବାର ନିଜ ବାଇକ୍‌ରେ ଆମ୍ବସଡ଼ାକୁ ଘରୋଇ କାମରେ ଆସି ଫେରୁଥିବା ବେଳେ ସକାଳ ପ୍ରାୟ ୧୦ ଟାରେ ବରାହଗୋଡା ଗ୍ରାମାଞ୍ଚଳ ଥାନା ନିକଟରେ ଚାରିଚକିଆ ଗାଡ଼ିଟି ତାଙ୍କୁ ଧକ୍କା ଦେଇ ଘୋଷାଡି ନେଇଥିଲା। ଘଟଣାସ୍ଥଳରେ ଆନନ୍ଦିଙ୍କ ମୃତ୍ୟୁ ଘଟିଥିବା ବେଳେ ଏହାକୁ ନେଇ ସେଠାରେ ଉତ୍ତେଜନା ଦେଖାଦେଇଥିଲା। ଅଞ୍ଚଳବାସୀ ରାସ୍ତାରୋକ କରିଥିବା ବେଳେ ପ୍ରାୟ ଏକ ଘଣ୍ଟା ଉକ୍ତ ରାସ୍ତାରେ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା। ପରେ ପୁଲିସ ପ୍ରଶାସନ ବୁଝାସୁଝା କରିବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା। ଅପରପକ୍ଷେ ଗ୍ରାମାଞ୍ଚଳ ଥାନା ପୁଲିସ ଦୁର୍ଘଟଣା ଘଟିଥିବା ଗାଡିର ଡ୍ରାଇଭରକୁ ଅଟକ ରଖି ତଦନ୍ତ ଜାରି ରଖିଛି।



# କୁଶନପୁରୀରେ ହତ୍ୟାକାଣ୍ଡ

**ବରପାଲି, ୧୫।୩ (ସମିସ):** ବରପାଲି ବ୍ଲକ କୁଶନପୁରୀ ଗ୍ରାମରେ ଏକ ହୃଦୟ ବିଦାରକ ହତ୍ୟାକାଣ୍ଡ ଘଟିଯାଇଛି। ଗୁରୁବାର ରାତ୍ର ସମୟରେ ପାରିବାରିକ କଳହ ଯୋଗୁ ଘଟଣା ଘଟି ବାପ ଓ ବଡପୁଅ ମିଳିତ ଭାବରେ ମଝିଆ ପୁଅକୁ କାଠଗଣ୍ଡି ପ୍ରହାରରେ ହତ୍ୟା କରିଥିଲେ। ବରପାଲି ପୁଲିସ ଖବରପାଇ ଘଟଣାସ୍ଥଳରେ ପହଞ୍ଚିବା ସହ ବାପ ରାଜେନ୍ଦ୍ର ନାଗ, ବଡପୁଅ ଜଗଦୀଶ ନାଗ ଓ ସାନପୁଅକୁ ମଧ୍ୟ ଘଟଣାସ୍ଥଳରୁ ଗିରଫ କରି ଥାନାରେ ଅଟକ ରଖିଛି। ପରେ ମୃତକ ୩୫ ବର୍ଷୀୟ ଯୋଗେଶ୍ୱର ନାଗଙ୍କ ମୃତଶରୀରକୁ ଜବତ କରି ସାଇଣ୍ଟିଫିକ ଦଳ ଏବଂ ସନ୍ଧାନୀ କୁକୁରର ସହାୟତାରେ ତଦନ୍ତ କରି ଶବ ବ୍ୟବଚ୍ଛେଦ କରାଇଛି। ହତ୍ୟାର ପ୍ରକୃତ କାରଣ ସ୍ପଷ୍ଟ ହୋଇପାରି ନାହିଁ। ଘରୋଇ ପାରିବାରିକ କଳହରୁ ଉତକ୍ଷିପ୍ତ ହୋଇ ବାକବିତଣ୍ଡାରୁ ମାର୍‌ପିଟ ହୋଇଥିବା ସନ୍ଦେହ କରାଯାଉଛି। ପୁଲିସ ଏନେଇ ମାମଲା ରୁଜୁକରି ତଦନ୍ତ ଚଳାଇଛି।

## ଭଟଲି ନୂତନ ମାଉସୀ ମାଁ ମନ୍ଦିରର ପ୍ରତିଷ୍ଠା

# ପଞ୍ଚମ ଦିନରେ ବିଗ୍ରହ ପ୍ରାଣପ୍ରତିଷ୍ଠା, ଗୀତା ହୋମ

**ଭଟଲି,୧୫।୩(ସମିସ):** ପଶ୍ଚିମ ଓଡିଶାର ଶ୍ରୀକ୍ଷେତ୍ର ପବିତ୍ର ଭଟଲି ଧାମର ନୂତନ ମାଉସୀ ମାଁ ମନ୍ଦିରର ପ୍ରତିଷ୍ଠା ମହୋତ୍ସବର ପଞ୍ଚମ ଦିନରେ ଫାଲଗୁନ ଶୁକ୍ଳ ଷଷ୍ଠୀ ଶୁକ୍ରବାର ପ୍ରଭୁ ଦଧିବାମନ ସ୍ୱାମୀଙ୍କ



ମାଉସୀ ଅର୍ଦ୍ଧାସିନୀ ଦେବୀ ତଥା ଛାୟା ଦେବୀ ଓ ମାୟା ଦେବୀଙ୍କ ମହାସ୍ନାନ କରାଯାଇଛି। ୧୭ ତାରିଖ ପର୍ଯ୍ୟନ୍ତ ଚାଲିଥିବା ଏହି କାର୍ଯ୍ୟକ୍ରମରେ ସମସ୍ତ ବିଗ୍ରହମାନଙ୍କ ପ୍ରାଣ ପ୍ରତିଷ୍ଠା, ଶ୍ରୀମଦ ଭାଗବତ ଗୀତା ହୋମ ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଟିକେଶ୍ୱର ମହାପାତ୍ର, ନେହରୁଲାଲ ଶତପଥୀ, ଜୟଦେବ ପଣ୍ଡା, ଗୋକୁଳେଶ୍ୱର ରଥ, ବେଣୁଧର ମହାପାତ୍ର, ରାଜେଶ ମିଶ୍ର, ରୋହିତ ରଥ, ଗୌରଚନ୍ଦ୍ର ରଥ, ଭୋଗେନ୍ଦ୍ର ପଣ୍ଡା, ରବିଲାଲ ଶତପଥୀ, ସୁରେନ୍ଦ୍ର ଦାସ, ବିଷ୍ଣୁ ମହାପାତ୍ର, ରିଙ୍କୁ ପଣ୍ଡା, ବାଚସ୍ପତି ରଥ, ଲଳିତ ରଥ, ସଂସାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। ପ୍ରତାପ ମହାପାତ୍ର ଓ ଆନନ୍ଦ ମହାପାତ୍ର ସହଯୋଗ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ଶ୍ରୀ ଦଧିବାମନ ମହାପ୍ରଭୁଙ୍କ ପରମଭକ୍ତ ପରମାନନ୍ଦଙ୍କ ବଂଶଜ ସରୋଜ କୁମାର ସାହୁ ଏବଂ ତାଙ୍କ ପତ୍ନୀ ମିନାକ୍ଷୀ ସାହୁ କାର୍ଯ୍ୟ ନିର୍ବାହ କରିଥିଲେ। ଭକ୍ତଙ୍କ ପାଇଁ ଅନ୍ନଛତ୍ରର ବ୍ୟବସ୍ଥା ହୋଇଥିଲା। ସମସ୍ତ ଖର୍ଚ୍ଚ ଖରମୁଣ୍ଡାର ସତ୍ୟନାରାୟଣ ପଧାନ ବହନ କରିଥଲେ। ଶ୍ରୀ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଶ୍ରୀକ୍ଷେତ୍ର ପୁରୀରୁ ଆସିଥିବା କଥାବାଚକ ସୀତାରାମ ଦାସଙ୍କ ଦ୍ୱାରା ପ୍ରବଚନ ଅନୁଷ୍ଠିତ ହୋଇଥିବା ବେଳେ ସଂଧ୍ୟାରେ ଶ୍ରୀଧାମ ବୃନ୍ଦାବନରୁ ଆସିଥିବା କଥା ବାଚିକା ସ୍ତୁତି ଦିଦିଙ୍କ ଦ୍ୱାରା ଯଜ୍ଞ ମଣ୍ଡପ ପାଖରେ ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବସନ୍ତାଣ୍ଡ ପେଣ୍ଡାଲରେ ବରଗଡ଼ର ଟିକେଶ୍ୱରୀ ଫୋକ୍ ଏକାଡେମୀ, ସମଲେଶ୍ୱରୀ ମନ୍ଦିର ପ୍ରାଙ୍ଗଣରେ ଲିପ୍ସାରାଣୀ ଖମାରୀ ଏଣ୍ଡ ପାର୍ଟିର କୀର୍ତ୍ତନ ଧାରା ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମମାନ ଉପସ୍ଥାପନ କରାଯାଇଥିଲା।

# 'ପତଙ୍ଗ' ପକ୍ଷରୁ ଶିକ୍ଷାଧିକାର କାର୍ଯ୍ୟଶାଳା

**ବରଗଡ଼, ୧୫।୩(ସମିସ):** ବରଗଡ଼ ସଦର ବ୍ଲକ ଦେଓଗାଁ-ଚଣ୍ଡିପାଲି କଲ୍ୟାଣ ମଣ୍ଡପରେ ପତଙ୍ଗ ଅନୁଷ୍ଠାନ ତରଫରୁ ଶିକ୍ଷାଧିକାରକୁ ନେଇ ଅଭିଭାକମାନଙ୍କ ସହ ଏକ କାର୍ଯ୍ୟଶାଳା ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବରଗଡ ବ୍ଲକର ୧୦ଟି ଗ୍ରାମରୁ ୩୪ ଜଣ ଅଭିଭାବକ ଯୋଗ ଦେଇଥିଲେ। ମୁଖ୍ୟ ଉଦ୍ଦେଶ୍ୟ ଥିଲା ଶିକ୍ଷା ଅଧିକାର ଆଇନକୁ ଅଭିଭାବକଙ୍କୁ ଅବଗତ କରାଇବା ଓ ଏଥିରେ ଅଭିଭାବକଙ୍କ ଦାୟିତ୍ୱ ପ୍ରତି ସଚେତନତା କରାଇବା। କାର୍ଯ୍ୟକ୍ରମରେ ଅଭିଭାବକମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ପତଙ୍ଗ ତରଫରୁ ଶିକ୍ଷା ଅଧିକାର ଆଇନ ଓ ଏଥିରେ ଅଭିଭାବକଙ୍କ ଭୂମିକା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ପତଙ୍ଗ ଅନୁଷ୍ଠାନ ଓ ପତଙ୍ଗ ଗୁଣ୍ଡୁଚିମୂଷା ସ୍ୱେଚ୍ଛାସେବୀଙ୍କ ମିଳିତ ଉଦ୍ୟମରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ପରିଚାଳିତ ହୋଇଥିଲା।



# ଆର୍ଥିକ ସାକ୍ଷର ଓ ସଚେତନତା କାର୍ଯ୍ୟକ୍ରମ

**ପଦ୍ମପୁର, ୧୫।୩ (ସମିସ):** ମହାବିଦ୍ୟାଳୟର ସମ୍ମିଳନୀ ପ୍ରକୋଷ୍ଠରେ ଅଧ୍ୟକ୍ଷ ଲଳିତ ମୋହନ ପଣ୍ଡାଙ୍କ ସଭାପତିତ୍ୱରେ ଏକ ଆର୍ଥିକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ପଦ୍ମପୁର ଷ୍ଟେଟ୍ ବ୍ୟାଙ୍କ୍ ର ସମସ୍ତ ବିଭାଗର ଅଧିକାରୀଙ୍କୁ ସ୍ୱାଗତ କରିଥିଲେ। ଅର୍ଥନୀତି ବିଭାଗର ପ୍ରଧାପକ ଡ଼ଃ ବିରଞ୍ଚି ସାହୁ ଆର୍ଥିକ ସ୍ୱାକ୍ଷର ଏବଂ ସଚେତନତାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଷ୍ଟେଟ୍ ବ୍ୟାଙ୍କ୍ ର ମୁଖ୍ୟ ଅଧିକାରୀ ବିକ୍ରମ ସାହୁ ବିସ୍ତୀର୍ଣ୍ଣ ଭାବରେ ବ୍ୟାଙ୍କର ବିଭିନ୍ନ ଦିଗର ସଚେତନତା, ସାଇବର୍ କ୍ରାଇମ, ଜମା ଏବଂ ବିଭିନ୍ନ ଲାଭଦାୟକ ନିବେଶ ଉପରେ ଆଲୋକପାତ କରିଥିଲେ। ସସ୍ମିତ ଦାସ ବ୍ୟାଙ୍କ୍ ର ବିଭିନ୍ନ ଲାଭଦାୟକ ଯୋଜନା ଉପରେ ଆଲୋଚନା କରିଥିଲେ। ଗ୍ରାହକ ସେବା ଅଧିକାରୀ ଦେବାଶିଷ ଦାସ ଏବଂ ବୀମା ଅଧିକାରୀ ଅବଦୁଲ ବିଭିନ୍ନ ବୀମାର ଉଦ୍ଦେଶ୍ୟ ଏବଂ ସୁଫଳ ଉପରେ ଆଲୋକପାତ କରିଥିଲେ। ଅଧ୍ୟାପକ ନବକୃଷ୍ଣ ମିଶ୍ର, ପ୍ରଭାତ ମହାପାତ୍ର, ଖଗେଶ୍ୱର ଦାସ, ପ୍ରମୋଦ ତ୍ରିପାଠୀ, ତୋଷବନ୍ତ ବାରିକ, ଓମପ୍ରକାଶ ସତନାମୀ, ଅଧ୍ୟାପିକା ଡ. ମମତାମୟୀ ଗୁରୁ, ବୁନି ସାହୁ, ମୁଖ୍ୟ କିରାଣି ରାଧା ପଣ୍ଡା ଏବଂ ମହାବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଅଧ୍ୟାପକ ନବକୃଷ୍ଣ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



## ସାମ୍ବାଦିକଙ୍କ 'ଓ-ପି' ପ୍ରସଙ୍ଗ

# 'ଜାବ୍' ପକ୍ଷରୁ ଧାରଣା, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ବରଗଡ଼, ୧୫।୩(ସମିସ):** ସାରାରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ପେନସନ, ପ୍ରୋଟେକ୍ସନ ଓ ପ୍ରେଷ୍ଟିଜ ଦାବିନେଇ ବରଗଡ଼ରେ ଜର୍ଣ୍ଣାଲିଷ୍ଟ ଏସୋସିଏନ ଅଫ ବରଗଡ଼ (ଜାବ) ପକ୍ଷରୁ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାର ବିଭିନ୍ନ ବର୍ଗର କର୍ମଚାରୀଙ୍କ ଦରମା ବୃଦ୍ଧି କରିଥିବା ବେଳେ ରାଜ୍ୟରେ କାର୍ଯ୍ୟରତ ସାମ୍ବାଦିକଙ୍କୁ ଅଣଦେଖା କରି ଆସୁଛନ୍ତି। ବହୁବାର ଓୟୁଜେ ପକ୍ଷରୁ ରାଜ୍ୟ ସରକାରଙ୍କ ପାଖରେ ଦାବି କରିଆସୁଥିବା ବେଳେ ରାଜ୍ୟ ସରକାର ତିଳେମାତ୍ର କର୍ଣ୍ଣପାତ କରୁନାହାନ୍ତି। ଆଗାମୀ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ରାଜ୍ୟ ସରକାର ସବୁ ବର୍ଗର କର୍ମଚାରୀଙ୍କ ଦରମା ବୃଦ୍ଧି କରିଥିବାବେଳେ କଣ ପାଇଁ କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦାବିକୁ ଅଣଦେଖା କରୁଛନ୍ତି ଏନେଇ ଓୟୁଜେ ରାଜ୍ୟ ସାମ୍ବାଦିକ ସଂଘର ଆହ୍ୱାନକ୍ରମେ ଜାବ୍ କର୍ମକର୍ତ୍ତା ଓ ସଦସ୍ୟମାନେ କଳାବ୍ୟାଜ ପିନ୍ଧି ଗାନ୍ଧୀ ପ୍ରତିମୂର୍ତ୍ତି ତଳେ ଧାରଣା ଦେଇଥିଲେ। ବରଗଡ଼ ସାମ୍ବାଦିକ ସଂଘର ସଭାପତି ସୁରେନ୍ଦ୍ର ହୋତା ସଭାପତିତ୍ୱ କରିଥିବା ବେଳେ ଜର୍ଣ୍ଣାଲିଷ୍ଟ ଏସୋସିଏସନ ଅଫ ବରଗଡ଼ ସଭାପତି ରବିନାରାୟଣ ପଣ୍ଡା, ବରିଷ୍ଠ ସାମ୍ବାଦିକ ପ୍ରସନ୍ନ ମିଶ୍ରଙ୍କ ସମେତ ୧୨ଟି ଯାକ ବ୍ଲକର ସାମ୍ବାଦିକ ଯୋଗ ଦେଇଥିଲେ। ପରେ ସାମ୍ବାଦିକମାନେ ଶୋଭାଯାତ୍ରାରେ ଜିଲ୍ଲାପାଳ କାର୍ଯ୍ୟାଳୟ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ



ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ବରଗଡ଼ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜାବ୍'ର ଉପସଭାପତି ପ୍ରଭୁଚରଣ ମହାନ୍ତି ଓ ବ୍ୟୋମକେଶ କର, ସଂପାଦକ ଯୁଧିଷ୍ଠିର ମହାପାତ୍ର, ଜାତୀୟ ପରିଷଦ ସଦସ୍ୟ ସୁରେଶ ଦାଶ, ହେମନ୍ତ ପ୍ରଧାନ, ପ୍ରଦୀପ ମହାନ୍ତି, ରଞ୍ଜନ ଦେବତା, ସତ୍ୟଜିତ ପ୍ରଧାନ, ଜୟସିଂ ପ୍ରଧାନ, କୀର୍ତ୍ତନ ବିଶ୍ୱାଳ, ହେମନ୍ତ ନାୟକ, ବିଶ୍ୱଜିତ ଦାଶ, ଧର୍ମଦତ୍ତ ପାଢ଼ୀ, ମେଘନାଦ ସାହୁ, ଦୁର୍ଗାପ୍ରସାଦ ଦ୍ୱିବେଦୀ, ସଂଜୀବ ପୁରୋହିତ, ବଳରାମ ବାଗ, ଝାସକେତନ ସାହୁ, ଜିତେନ୍ଦ୍ରିୟ ମେହେର, ସରୋଜ ଷଡଙ୍ଗୀ, ରଞ୍ଜିତ ଦାଶ, ମୁକୁନ୍ଦ ଷଡଙ୍ଗୀ, ଶିବଶଙ୍କର ବିଶ୍ୱାଳ, କୀର୍ତ୍ତନ ବିଶ୍ୱାଳ, ସୁରେନ୍ଦ୍ର କଠାର, ଲିପନ ହୋତା, ଏମଡି ନିଜାମ, ବରଗଡ ସାମ୍ବାଦିକ ସଂଘରୁ ଧ୍ରୁବ କର୍ମୀ, ରାଜେଶ ସରାଫ, ଅନନ୍ତ ମଟାରୀ, ଡିଷ୍ଟିକ ପ୍ରେସ କ୍ଲବ ପକ୍ଷରୁ ସତ୍ୟଜିତ ଦାଶ, ବିଜୟ ମିଶ୍ର, ଏସକେ ନସିମୁଦ୍ଦିନ, ତ୍ରିବିକ୍ରମ ତ୍ରିପାଠୀ, ନାରାୟଣ ବେହେରା, ତୁଳସୀ ଚରଣ ଦାଶ, ବଳରାମ ତ୍ରିପାଠୀଙ୍କ ସମେତ ବିଭିନ୍ନ ବ୍ଲକ୍‌ରୁ ସାମ୍ବାଦିକମାନେ ସାମିଲ ହୋଇଥିଲେ।

# ୨ ଲୁଟେରା ଗିରଫ

**ବରଗଡ଼, ୧୫।୩(ସମିସ):** ବରଗଡ଼ ସଦର ପୁଲିସ ଦୁଇ ଲୁଟେରାଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ଗୋଟିଏ ମୋବାଇଲ ଏବଂ ନଗଦ ୨ ହଜାର ଟଙ୍କା ଜବତ କରିଛି। ଗିରଫ ଯୁବକମାନେ ଖଣ୍ଡହଥା ଗ୍ରାମର ବୋଲି ପୁଲିସ ସୂଚନା ଦେଇଛି। ସଦର ଥାନା ତରଫରୁ ଏକ ମାମଲା ରୁଜୁ ହୋଇଥିବା ଜଣାପଡିଛି।

# ଡୁଙ୍ଗୁରିରେ ଜନଜୀବନ ବିକାଶ ଟ୍ରଷ୍ଟ ଉଦ୍‌ଘାଟିତ

**ଡୁଙ୍ଗୁରି, ୧୫।୩(ସମିସ):** ବରଗଡ଼ ଜିଲ୍ଲା ଡୁଙ୍ଗୁରି ଗ୍ରାମରେ ଜନଜୀବନ ବିକାଶ ଟ୍ରଷ୍ଟ ଆରମ୍ଭ ହୋଇଛି। ଅଧ୍ୟକ୍ଷ ପ୍ରେମାନନ୍ଦ ସା ଓ ବରଗଡ଼ ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସଭାପତି ପ୍ରମୋଦ ଝାଙ୍କର ଏହାକୁ ଉଦ୍‌ଘାଟନ କରିଛନ୍ତି। ଆଞ୍ଚଳିକ ବିକାଶ ସହ ବେକାରୀ ସମସ୍ୟା ଦୂରୀକରଣ ଆଦି ସାମାଜିକ କାର୍ଯ୍ୟରେ ଏହି ଅନୁଷ୍ଠାନ କାର୍ଯ୍ୟ କରିବ ବୋଲି ଅଧ୍ୟକ୍ଷ ଶ୍ରୀ ସା ଦର୍ଶାଇଥିଲେ। ଲଖନପୁର ସରପଞ୍ଚ ସତ୍ୟଭୂଷଣ ସାହୁ, ଉତ୍ତମ ସରପଞ୍ଚ ହୀରାଧର ସାହୁ, ପରାମର୍ଶଦାତା ସାକେତ ସାହୁ, ରାଜେଶ ଦୋରା, ବାଞ୍ଜିପାଲି ସରପଞ୍ଚ ଅରୁନ୍ଧତୀ ସାହୁ, ଜିଲ୍ଲା ସଂଘ ସଂପାଦକ ଗୋବିନ୍ଦ ଦାଶ, ଉପସଭାପତି ନିର୍ମଳ କିଶୋର କର, ତୁଳସୀ ଚରଣ ଦାଶ ଓ ଅମ୍ବାଭୋନା ବ୍ଲକ ବରିଷ୍ଠ ନାଗରିକ ସଂଘର ସଭାପତି ସୁରେଶ ପ୍ରଧାନ ଯୋଗ ଦେଇଥିଲେ। ଏହାପୂର୍ବରୁ ପଣ୍ଡିତ ପୂର୍ଣଚନ୍ଦ୍ର ଦାଶ ଓ ସୁରେଶଚନ୍ଦ୍ର ଦାଶଙ୍କ ଦ୍ୱାରା ଜନଜୀବନ ବିକାଶ ଟ୍ରଷ୍ଟର ପ୍ରତିଷ୍ଠା ଉତ୍ସବ ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ସିଦ୍ଧ୍ୟାଧର ସା ଓ ସାବିତ୍ରୀ ସା କର୍ତ୍ତା ଭାବରେ ପୂଜାକାର୍ଯ୍ୟ ତୁଲାଇଥିଲେ। ଡୁଙ୍ଗୁରି ଓ ଆଖପାଖ ଅଞ୍ଚଳରୁ ଶତାଧିକ ଗ୍ରାମବାସୀ ଯୋଗ ଦେଇଥିଲେ। ଜିଲ୍ଲା ସଂଗଠନ ସଂପାଦକ କେଦାର ମିଶ୍ର ସଭା ପରିଚାଳନା କରିଥିବା ବେଳେ ଶରତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।




# ଉନ୍ନତ ମାନର ବତକ ପାଳନ କରି ଲାଭାନ୍ୱିତ ମହିଳା










**ବରଗଡ଼, ୧୫।୩ (ସମିସ)**

ବରଗଡ଼ ସହରଠୁ ମାତ୍ର ୧୦ କିଲୋମିଟର ଦୂରରେ ରହିଛି ହୀରା ଏଗ୍ରିଭେଟ ଅନ୍ନପୂର୍ଣ୍ଣା ସମନ୍ୱିତ କୃଷି ଫାର୍ମ।

**ଲକ୍ଷାଧିକ ରୋଜଗାର କରୁଛନ୍ତି ମିଶନ ଶକ୍ତି ମହିଳା**

**ଜୀବବିଜ୍ଞାନ ଛାତ୍ରୀ ଜ୍ଞାନ ଆହରଣ କରୁଛନ୍ତି**

**ରାଜ୍ୟ ବାହାରୁ ଆସି ନେଉଛନ୍ତି ବତକ**

ଅବସରପ୍ରାପ୍ତ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଦିଲୀପ ପଣ୍ଡା ତତ୍କାଳୀନ ବରଗଡ଼ ଜିଲାପାଳ ଅନୁ ଗର୍ଗଙ୍କ ପ୍ରେରଣା ପାଇ ଏକ ଖୁବ୍ ସୁନ୍ଦର୍ ଫାର୍ମ କରିଛନ୍ତି। ଏଠାରେ ଗୋ-ପାଳନ, ଛେଳି, ମେଣ୍ଢା, କୁକୁଡ଼ା ପାଳନ, ଜୈବିକ ପଦ୍ଧତିରେ ପନିପରିବା ଚାଷ ସହ ଏବେ ମୁଖ୍ୟତଃ ବତକ ଚାଷ ହେଉଛି। କମ୍ ଖର୍ଚ୍ଚରେ





ମିଶନ ଶକ୍ତି ମା'ମାନେ ତଥା ବିଭିନ୍ନ ବ୍ୟବସାୟୀମାନେ ବତକ ନେଇ ଅଧିକ ଲାଭାନ୍ୱିତ ହେଉଛନ୍ତି। ଏଠାରେ ଖାକି କେମ ବେଲ ବତକ ଗୋଟେ ପ୍ରଜାତିର ଅଛନ୍ତି ଯାହାକି ଗୋଟିଏ ବର୍ଷରେ ୨୫୦ରୁ ୩୦୦ ଶହ ପର୍ଯ୍ୟନ୍ତ ଅଣ୍ଡା ଦେଇଥାନ୍ତି। ଆଉ ଗୋଟେ ହେଲା ଧଳା ପେକିନ ବତକ। ଏହି ପ୍ରଜାତିର ବତକ ମାତ୍ର ଦୁଇ ମାସ ମଧ୍ୟରେ ୨ କେଜି ଓଜନ ହୋଇଥାନ୍ତି। ଏଇ ଦୁଇ ପ୍ରଜାତିର ବତକକୁ ଏଠାରୁ ପ୍ରତିଦିନ ବହୁ ମିଶନ ଶକ୍ତି ମା'ମାନେ ଆସି ନେବା ସହ ଡାକ୍ତର ଦିଲୀପ କୁମାର ପଣ୍ଡାଙ୍କଠୁ ବତକଙ୍କ ଲାଳନପାଳନ ଆଉ କେମିତି ଭାବରେ କଲେ କାମ ଖର୍ଚ୍ଚ କରି ଅଧିକ ଲାଭବାନ ହେବେ ସେ ବିଷୟରେ ଜ୍ଞାନ ଆହରଣ କରୁଛନ୍ତି। ଏଠାରୁ ଓଡ଼ିଶା ସମେତ ଛତିଶଗଡ଼, ଝାରଖଣ୍ଡ, ପଶ୍ଚିମବଙ୍ଗ, ଚାଷୀମାନେ ଆସି ବତକ ଛୁଆ ନେଉଛନ୍ତି। ବରଗଡ଼ ପାର୍ବତୀ ଗିରି ମହିଳା ମହାବିଦ୍ୟାଳୟ ଜୀବବିଜ୍ଞାନ ଛାତ୍ରୀମାନେ ଆସି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରୁଛନ୍ତି। ଆଗାମୀ ଦିନରେ ଏଠାରେ ଏକ ବଡଧରଣର ଶିବିରର ଅୟୋଜନ କରାଯିବ ଆଉ ମିଶନ ଶକ୍ତି ମା'ମାନକୁ ତଥା ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀଙ୍କୁ ପ୍ରତ୍ୟକ୍ଷ ଜ୍ଞାନ ଆହରଣର ବ୍ୟବସ୍ଥା କରାଯିବ ବୋଲି ଡା. ପଣ୍ଡା କହିଛନ୍ତି।

# ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

**ବରଗଡ଼,୧୫।୩(ସମିସ):** ଭେଡେନ ବ୍ଲକ ରେମଣ୍ଡା ପଞ୍ଚାୟତ କାର୍ଯ୍ୟାଳୟରେ ଲିଗାଲ ମେଟ୍ରୋଲୋଜି ବରଗଡ଼ ଆନୁକୂଲ୍ୟରେ ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ସରପଞ୍ଚ ଉଦ୍ଧବ ବାରିକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଲିଗାଲ ମେଟ୍ରୋଲୋଜି ଜଏଣ୍ଟ କଣ୍ଟ୍ରୋଲର ସୁଶୀଲ କନ୍ଦୁଲାନା, ଆସିଷ୍ଟାଣ୍ଟ କଣ୍ଟ୍ରୋଲର ସୁପ୍ରକାଶ ମାଲି, ଜିଲ୍ଲା ଖାଉଟି ଆୟୋଗ ସଦସ୍ୟା ଅଞ୍ଜୁ ଅଗ୍ରୱାଲ, ବରଗଡ଼ ଏସିଏସଓ ବ୍ୟୋମକେଶ ମାଝୀ, ସ୍ୱେଚ୍ଛାସେବୀ ଜେଠୁ ଭୋଇ ଖାଉଟି ସଚେତନତା ବିଷୟରେ ଆଲୋକପାତ କରିଥିଲେ। ଅଶୋକ ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ହେମନ୍ତ ପ୍ରଧାନ, ଦୁଷ୍ମନ୍ତ ପ୍ରଧାନ ଓ ନୀଳାଚଳ ରଥ ସହଯୋଗ କରିଥିଲେ। ଆଖପାଖ ଅଞ୍ଚଳର ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା ସାମିଲ ହୋଇଥିଲେ।




# ଇଡକୋ ଅଧିଗ୍ରହଣକୁ ସ୍ୱାଗତ କଲେ ବରଗଡ଼ ଚିନିକଳ କର୍ମଚାରୀ

**ବରଗଡ଼,୧୫।୩(ସମିସ)**

ବନ୍ଦ ହୋଇପଡିଥିବା ବରଗଡ଼ ସମବାୟ ଚିନିକଳ ଜମି ଇଡକୋକୁ ହସ୍ତାନ୍ତର ହୋଇଛି। ଶୁକ୍ରବାର ବରଗଡ଼ ଗସ୍ତରେ ଆସିଥିବା ଇଡ଼କୋର ଏକ ପ୍ରତିନିଧିମଣ୍ଡଳୀ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବା ସହ ଅପରାହ୍ନରେ ଚିନିକଳ ପାଇଁ ଲିକ୍ୟୁଡ଼େଟର ଭାବେ ନିଯୁକ୍ତ ଅତିରିକ୍ତ ଜିଲ୍ଲାପାଳ ମଧୁଛନ୍ଦା ସାହୁ, ଚିନିକଳର ଭାରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ଦାୟିତ୍ୱରେ ଥିବା ବରଗଡ଼ ଡ଼ିଆରସିଏସ ତୃପ୍ତିକଲ୍ୟାଣ ସେଠୀ ପ୍ରମୁଖ ତୋରାସ୍ଥିତ ଚିନି କାରଖାନା ପରିଦର୍ଶନ କରିଥିଲେ। ଏନେଇ ପୂର୍ବରୁ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିବା ଧାରଣାରତ କର୍ମଚାରୀମାନେ ଚିନିକଳ ପରିସରରେ ଉପସ୍ଥିତ ରହି ଇଡ଼କୋ ଟିମ୍‌କୁ ସ୍ୱାଗତ କରିଥିଲେ। ଚିନିକଳ ୟୁନିୟନର ସମ୍ପାଦକ ସୁବ୍ରତ ସାହୁଙ୍କ ସମେତ ସୁଶାନ୍ତ କୁମାର ଦେବତା ଓ ଅନ୍ୟ କର୍ମଚାରୀମାନେ କାରଖାନାର ଭବିଷ୍ୟତ, ମୂଲ୍ୟବାନ ଜମିର ପରବର୍ତ୍ତୀ ସ୍ଥିତି ଓ ପଦକ୍ଷେପ ସହ କର୍ମଚାରୀଙ୍କ ବକେୟା ପ୍ରାପ୍ୟ, ଛଟେଇକାଳୀନ ସୁବିଧା ସୁଯୋଗ ଓ ପ୍ରାପ୍ୟ, ଇପିଏଫ



ଓ ଅନ୍ୟାନ୍ୟ ସହାୟତା ଆଦି ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ।

ପ୍ରକାଶଥାଉକି, ବକେୟା ପ୍ରାପ୍ୟ ଓ ଆନୁଷଙ୍ଗିକ ସୁବିଧା ସୁଯୋଗ ପ୍ରଦାନ ସହିତ ଚିନିକଳର ଭବିଷ୍ୟତ ସୁରକ୍ଷା ଦାବୀରେ କର୍ମଚାରୀମାନେ ଗତ ୭ ଫେବୃୟାରୀରୁ ଦ୍ୱିତୀୟ ପର୍ଯ୍ୟାୟ ଧାରଣାକୁ ଓହ୍ଲାଇଥିଲେ। ଲଗାତାର ୩୮ ଦିନ ଧରି ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିଥିଲେ ମଧ୍ୟ ଆଲୋଚନାକୁ କେହି ପ୍ରଶାସନିକ ଅଧିକାରୀମାନେ




ଆସୁନଥିବାରୁ କର୍ମଚାରୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଆସୁଥିବା ବେଳେ ଆଜି ଇଡ଼କୋର ଗସ୍ତ ଓ ଶିଳ୍ପ ପାଇଁ ହିଁ ଜମି ବ୍ୟବହାର ହେବ ବୋଲି ଦେଇଥିବା ପ୍ରତିଶ୍ରୁତିକୁ ସଚେତନ ବରଗଡ଼ବାସୀ ସ୍ୱାଗତ କରିଛନ୍ତି। ୨୦୧୫ରୁ କାରଖାନାର ଉତ୍ପାଦନ ବ୍ୟାହତ ହୋଇଥିବା ବେଳେ ୨୦୧୭ରୁ ଆଖୁ ଗ୍ରହଣ ପ୍ରକ୍ରିୟା ବନ୍ଦ ହୋଇଯାଇଥିଲା। ସେତେଦିନଠାରୁ ବସ୍ତୁତଃ କାରଖାନାଟି ଅଚଳ ଭାବେ ପଡ଼ି ରହିଥିବା ବେଳେ ୨୦୨୩ ଅକ୍ଟୋବରରେ କାରଖାନାକୁ ବନ୍ଦ ଘୋଷଣା କରାଯାଇଥିଲା।

ଚିନି କାରଖାନାର ଯନ୍ତ୍ରାଂଶ ରକ୍ଷଣାବେକ୍ଷଣ ଓ ମରାମତି ତଥା ନୂତନ ମେସିନ୍ ପାଇଁ ପାଣ୍ଠି ଅଭାବ ଏବଂ ଅନ୍ୟାନ୍ୟ ବିଭିନ୍ନ କାରଣ ପାଇଁ ଚିନିକଳରେ କାମ ବନ୍ଦ ରହିଥିଲା। ସେଥିପାଇଁ ଏହାର ଜମିକୁ ଇଡକୋକୁ ହସ୍ତାନ୍ତର କରି ନୂତନ ଶିଳ୍ପ ପ୍ରତିଷ୍ଠା କରିବା ପାଇଁ ରାଜ୍ୟ ସରକାର ଏହି ନିଷ୍ପତ୍ତି ନିଆଯାଇଛି। ଚିନିକଳର ସମୁଦାୟ ୧୦୩.୨୧ ଏକର ଜମି ମଧ୍ୟରୁ ବିବାଦମୁକ୍ତ ୭୨.୧୨ ଏକର ଜମି ପାଇଁ ଇଡକୋ ୪୦.୬୮ କୋଟି ଟଙ୍କା ପ୍ରଦାନ କରିଛି।

# ଜିଲ୍ଲାର ନାମ ରଖିଲେ ତିନି ବାଳିକା ହକି ଖେଳାଳି

**ଝାରସୁଗୁଡ଼ା, ୧୫।୩(ସମିସ):** ଝାରସୁଗୁଡ଼ା ଜିଲ୍ଲା ସବ୍‌ଜୁନିୟର ହକି ଦଳର ଦୁଇଜଣ ବାଳିକା ଏବଂ





ସିନିୟର ଦଳର ଜଣେ ବାଳିକା ହକି ଖେଳାଳି ଜିଲ୍ଲା ପାଇଁ ଗୌରବ ଅର୍ଜନ କରିଛନ୍ତି। ଦିଲ୍ଲୀପ ତିର୍କୀ ସ୍ପୋର୍ଟ ଏକାଡେମୀର ଡିଫେନସ ଖେଳାଳି ନୀଳମ ପ୍ରଧାନ ଓ ଆଗ ଲାଇନ୍‌ର ଖେଳାଳି ସାନଝରିଆ ଟପୋ ପାନପୋଷସ୍ଥିତ କ୍ରୀଡା ଛାତ୍ରାବାସରେ ସ୍ଥାନ ପାଇଛନ୍ତି। ସେହିପରି ସିନିୟର ଦଳରେ ଖେଳିଥିବା ଗାୟତ୍ରୀ କିଶାନ ପୂର୍ବରୁ କ୍ରୀଡା ଛାତ୍ରାବାସ ସାଇ ସୁନ୍ଦରଗଡ଼ର ଥିବା ବେଳେ ସେ ବର୍ତ୍ତମାନ ରାଜ୍ୟ ସରକାରଙ୍କ ସ୍ପୋର୍ଟ କୋଟାରେ ପୁଲିସ ବିଭାଗରେ ଯୋଗ ଦେଇଛନ୍ତି। ଏହି ଚିଠି ହସ୍ତଗତ ହେବା ପରେ ଝାରସୁଗୁଡା ହକିପ୍ରେମୀଙ୍କ ମନରେ ଆନନ୍ଦ ଖେଳି ଯାଇଛି। ପ୍ରକାଶ ଥାଉ କି, ଝାରସୁଗୁଡା ଜିଲ୍ଲା ଗତ ୨ବର୍ଷ ମଧ୍ୟରେ ହକି ଆସୋସିଏସନ ଅଫ୍ ଓଡ଼ିଶା ଦ୍ୱାରା ଶେଷ ହୋଇଥିବା ସବଜୁନିୟର ବାଳିକା ପ୍ରତିଯୋଗିତାରେ ୩୦ଟି ଜିଲ୍ଲା ମଧ୍ୟରୁ ୮ମ ସ୍ଥାନ ଅଧିକାର କରିବାର ଗୌରବ ହାସଲ କରିଛି। ନିକଟରେ ଶେଷ ହୋଇଥିବା ଆଇକନ୍ ହକି ପ୍ରତିଯୋଗିତାରେ ସେମିଫାଇନାଲରେ ରାଉରକେଲା ଷ୍ଟିଲପ୍ଲାଣ୍ଟଠାରୁ ପରାଜିତ ହୋଇଥିଲା। ଝାରସୁଗୁଡ଼ା ଜିଲ୍ଲାପାଳ ତଥା ହକି ଆସୋସିଏସନର ସଭାପତି ଆବୋଲି ସୁନିଲ ନରୱଣେ ଝାରସୁଗୁଡ଼ା ଏସ.ପି ସ୍ମିତ .ପି ପରମାର ଝାରସୁଗୁଡା ହକି ସଂଘର ସମ୍ପାଦକ ତଥା ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରବୀର କୁମାର ନାୟକ, ହକି ଆସୋସିଏସନ ଓଡ଼ିଶାର ଉପସଭାପତି ଜୀବନ ମହାନ୍ତି, ଜିଲ୍ଲା ହକି ଆସୋସିଏସନର କର୍ମକର୍ତ୍ତା ଶୁଭେଚ୍ଛା ଜଣାଇଛନ୍ତି।

# ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ

**ଦେବଗଡ଼,୧୫।୩(ସମିସ):** ଦେବଗଡ଼ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଉପନିୟନ୍ତ୍ରକ ବୈଧମାପ ବିଜ୍ଞାନ ବିଭାଗ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ ପାଳିତ ହୋଇଯାଇଛି। ଲିଗାଲ ମେଟ୍ରୋଲଜି ଡେପୁଟି କଣ୍ଟ୍ରୋଲର ରଞ୍ଜନା ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମନରେଗା ଯୋଜନା ଲୋକପାଳ ଅତୁଲ୍ୟ ପୂଜାରୀ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୋଗାଣ ଅଧିକାରୀ ରଞ୍ଜନ ପଣ୍ଡା, ଅତିରିକ୍ତ ଯୋଗାଣ ଅଧିକାରୀ କେଦାରନାଥ ନାଏକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନରହରି ସିଂ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଲିଗାଲ ମେଟ୍ରୋଲଜି ନିରୀକ୍ଷକ ନରେନ୍ଦ୍ର ମୋହନ ସିଂ, ଜିଲ୍ଲାସ୍ତରୀୟ ଅଧିକାରୀ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଯୋଗାଣ ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ।





ସମ୍ବଲପୁରସ୍ଥିତ ବିକାଶ ହସ୍ପିଟାଲରେ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ବିଜେଡିର ବରିଷ୍ଠନେତା ତଥା ପୂର୍ବତନମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ସ୍ୱାସ୍ଥ୍ୟାବସ୍ଥା ବାବଦରେ ବୁଝୁଛନ୍ତି।

# ରିଆମାଳ ସାମ୍ବାଦିକ ୟୁନିୟନ୍‌ର ସ୍ମାରକପତ୍ର




**ରିଆମାଳ, ୧୫।୩ (ସମିସ):** ଓଡିଶା ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟର ଆହ୍ୱାନକ୍ରମେ ରିଆମାଳ ସଂଘ ପକ୍ଷରୁ ରିଆମାଳ ସାମ୍ବାଦିକ କାର୍ଯ୍ୟାଳୟରେ ଏକ ପ୍ରତିବାଦ ଦିବସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସଭାପତି ପ୍ରଣବ ଦେବଙ୍କ ସଭାପତିତ୍ୱରେ ସଙ୍ଘର ସଦସ୍ୟମାନେ କଳା ବ୍ୟାଜ ପରିଧାନ କରି ସାମ୍ବାଦିକ ସୁରକ୍ଷା, ସାମାଜିକ ନିରାପତ୍ତା ଓ ପେନସନ ଦାବିରେ ପ୍ରତିବାଦ ଜଣାଇଥିଲେ। ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ପ୍ରଧାନ, ଉପସଭାପତି ପ୍ରଭାକର ପ୍ରଧାନ, କୋଷାଧ୍ୟକ୍ଷ ମନୋଜ ବେହେରା, ଉପଦେଷ୍ଟା ମୃତ୍ୟୁଞ୍ଜୟ ପ୍ରଧାନ, ବିଜୟ ପ୍ରଧାନ ସମେତ ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ସରକାର ଯଦି ଏଥି ପ୍ରତି ଦୃଷ୍ଟି ନଦିଅନ୍ତି ତେବେ ଆଗାମୀ ଦିନରେ ନିର୍ବାଚନ ସମୟରେ ପ୍ରତିବାଦ ଜାରି ରଖିବେ ବୋଲି ସଙ୍ଘ ପକ୍ଷରୁ କୁହାଯାଇଛି।

## ଜଙ୍ଗଲ ଜମି ନାଁରେ ଚାଲିଛି ଲୁଟ୍

# ପ୍ରଶାସନ ସବୁ ଜାଣି ଚୁପ୍

**କୁଚିଣ୍ଡା, ୧୫।୩(ସମିସ):** ଜଙ୍ଗଲ ଜମି ଅଧିକାର ନାମରେ କୁଚିଣ୍ଡା, ବାମରା ଓ ଜମନକିରା ବ୍ଲକରେ ହିତାଧିକାରୀ ମାନଙ୍କ ଠାରୁ ଜଣ ପ୍ରତି ୫/୬ ଶହ ଟଙ୍କା ଅସୁଲ କରାଯାଉଥିବା ଅଭିଯୋଗ ହେଉଛି। ଜଙ୍ଗଲ ଜମି ପଟ୍ଟାଧାରୀଙ୍କ ଆକାଉଣ୍ଟକୁ ରାଜ୍ୟ ସରକାର ୫ହଜାର ଟଙ୍କା ଲେଖାଏଁ ପଠାଇବେ ବୋଲି ଏବେ ଚର୍ଚ୍ଚା ଚାଲିଛି। ଏହାକୁ ଦୃଷ୍ଟିରେ ରଖି ପ୍ରତି ଗାଁରେ ଥିବା ଜଙ୍ଗଲ ଜମି ଅଧିକାର କମିଟି ନା ଧରି ଜମନକିରା ବ୍ଲକରେ ୬ଶହ ଟଙ୍କା, କୁଚିଣ୍ଡା ବ୍ଲକରେ ୫ଶହ ଏବଂ ବାମରା ବ୍ଲକରେ ୬ଶହ ଟଙ୍କା ଲେଖାଏଁ କମିଟି ମାଧ୍ୟମରେ ପ୍ରଦାନ କରାଯାଉଥିବା ଜଣାପଡ଼ିଛି। ଏହାର ତଦନ୍ତ କରାଗଲେ ଜଙ୍ଗଲ ଜମି ନାମରେ କିପରି ଲୁଟ୍ କରାଯାଉଛି ପଦାକୁ ଆସିବ। ସରକାର ଜଙ୍ଗଲ ଜମି ଅଧିକାର ଆଇନରେ ମାଗଣାରେ ମାପଚୁପ କରି ଏବଂ ସେହି ଜମିର ଟ୍ରେସମ୍ୟାପ ତିଆରି କରିବା ପାଇଁ କିଛି ଅମିନଙ୍କୁ ଆଇଟିଡ଼ିଏ କାର୍ଯ୍ୟାଳୟ ଦରମା ଦେଇ ନିଯୁକ୍ତି କରିଛି। ତେବେ କିଛି ଅମିନ ମାଗଣା ବଦଳେ ସବୁ କାମ ପାଇଁ ଟଙ୍କା ମାଗୁଥିବା ଅଭିଯୋଗ ହୋଇଛି। କୁଚିଣ୍ଡା ବ୍ଲକ, ଜମନକିରା ବ୍ଲକ ଓ ବାମରା ବ୍ଲକର ବହୁ ହିତାଧିକାରୀ ଅମିନଙ୍କୁ ୧୨ଶହ ଟଙ୍କା ଲେଖାଏ ଦେଇସାରିଥିବା ଅଭିଯୋଗ କରିଛନ୍ତି। ଏ ନେଇ କୁଚିଣ୍ଡା ପ୍ରଶାସନ ପାଖରେ ଖବର ଥିଲେ ବି ଏଯାଏଁ ଏ ଲାଞ୍ଚୁଆ ଅମିନଙ୍କ ପ୍ରତି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଗତ କିଛି ଦିନ ତଳେ କୁଚିଣ୍ଡା ବ୍ଲକ ତିଲେଇମାଳ ଗ୍ରାମପଞ୍ଚାୟତର କିଛି ଗ୍ରାମରେ ଅମିନ ମାପ୍‌ଚୁପ କରି ଟଙ୍କା ଆଦାୟ କରୁଥିବା ବେଳେ ସ୍ଥାନୀୟ ଜିଲ୍ଲାପରିଷଦ ସଭ୍ୟ ଦିବ୍ୟରାଜ କିସାନ ଏପରି ନକରିବାକୁ ବାରଣ କରିଥିଲେ। ଠିକ ସେହିପରି ବରଘାଟ, କଟୁନଗର ଅଞ୍ଚଳରେ ମଧ୍ୟ ଏକର ପ୍ରତି ୨୨ଶହ ଟଙ୍କା ପାଇଁ ବାଧ କରି ନେଉଥିବା ବେଳେ ଜଣେ ବୃଦ୍ଧ ତାଙ୍କର ଜଙ୍ଗଲ ଜମି ମାପ କରିବାକୁ କହିବାରୁ ତା'ଠାରୁ ୫ହଜାର ନେଇଥିଲେ। ବୃଦ୍ଧ ଜଣକ ପାଖରେ ଟଙ୍କା ଦେବାର ସାମର୍ଥ୍ୟ ନଥିବା ବେଳେ ମାପ କରିବାକୁ ଥିବା ଜମିକୁ ୫ ହଜାର ଟଙ୍କାରେ ବନ୍ଧା ଦେଇ ସେହି ଟଙ୍କାକୁ ସାଲେଭାଡି ଗ୍ରାମର ଜୈନିକ ଅମିନଙ୍କୁ ଦେଇଥିଲେ। ପ୍ରକୃତରେ ଦେଖିବାକୁ ଗଲେ ଆଦିବାସୀଙ୍କୁ ଜଙ୍ଗଲ ଜମି ପ୍ରଦାନ କ୍ଷେତ୍ରରେ ଲକ୍ଷ ଲକ୍ଷ ଟଙ୍କା ଅସୁଲ କରାଯାଉଛି। ଏପରି ଲାଞ୍ଚ କାରବାରରେ ଲିପ୍ତ ଥିବା ଜଙ୍ଗଲ ଜମି ଅଧିକାର ସଂଯୋଜିକା ଗତ ଦୁଇଦିନ ତଳେ ଭିଜିଲାନ୍ସ ହାତରେ ଧରାପଡ଼ି ଏବେ ଜେଲରେ ଅଛନ୍ତି। ଜଙ୍ଗଲ ଜମି ଅଧିକାର ଆଇନ ଉପରେ ଆଦିବାସୀଙ୍କୁ ସରକାର ଅନେକ ପ୍ରକାର ସୁବିଧା ସୁଯୋଗ ଦେଉଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ଆଦିବାସୀମାନେ ଶୋଷିତ ହେଉଛନ୍ତି। ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯିବାକୁ ସାଧାରଣରେ ଦାବି ହୋଇଛି।

# ସର୍ବନିମ୍ନ ମଜୁରୀ ଘୋଷଣାକୁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ପକ୍ଷରୁ ସ୍ୱାଗତ



**ସମ୍ବଲପୁର, ୧୫।୩(ସମିସ):** ମୁଖ୍ୟମନ୍ତ୍ରୀ ନୂତନ ତଥା ବର୍ଦ୍ଧିତ ହାରରେ ସର୍ବନିମ୍ନ ମଜୁରି ହାର ଆଜି ଘୋଷଣା କରିଛନ୍ତି। ଏଥିପାଇଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ତଥା ରାଜ୍ୟ ଶାଖା ହିନ୍ଦ ମଜଦୁର ସଭାର କାର୍ଯ୍ୟକାରୀ ସଭାପତି ବିଜୟ କୁମାର ମହାନ୍ତି ଓ କେନ୍ଦୁଲିଭ ୱେଲଫ୍ୟାର ବୋର୍ଡ ଉପଦେଷ୍ଟା ସଂଜିତ ମହାନ୍ତି ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏହି ଘୋଷଣା ଅନୁଯାଇ ଚାରିଟି ବର୍ଗର ଯଥାକ୍ରମେ ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତି କୁଶଳୀ ଶ୍ରମିକମାନଙ୍କ ମଜୁରି ବୃଦ୍ଧି ହୋଇଛି। ଏହି ସର୍ବନିମ୍ନ ମଜୁରି ଭି.ଡି.ଏ ସହିତ ପାଉଥିବା ଅଣ କୁଶଳୀ ଶ୍ରମିକ ଟ. ୩୫୨ ରୁ ଟ. ୪୫୦, ଅର୍ଦ୍ଧ କୁଶଳୀ ଟ. ୩୯୨ ରୁ ଟ. ୫୦୦, କୁଶଳୀ ଟ. ୪୪୨ ରୁ ଟ. ୫୫୦ ଏବଂ ଅତିକୁଶଳୀ ଟ. ୫୦୨ ରୁ ଟ. ୬୦୦ କୁ ବର୍ଦ୍ଧିତ ହାରାରେ ପାଇପାରିବେ। ଶ୍ରୀ ମହାନ୍ତି ମୁଖ୍ୟମନ୍ତ୍ରୀ ତଥା ସରକାରଙ୍କ ଏହି ଘୋଷଣାକୁ ସ୍ୱାଗତ ଜଣାଇଛନ୍ତି। ବାସ୍ତବରେ ଏହି ସର୍ବନିମ୍ନ ମଜୁରି ଗତ ୨୦୨୩ ଅକ୍ଟୋବର ୩୦ ତାରିଖରେ କାର୍ଯ୍ୟକାରୀ ହେବାର ଥିଲା। ଏଥିପାଇଁ ଗତ ୨୦୨୩ ନଭେମ୍ବର ମାସରୁ ବିଭିନ୍ନ ପର୍ଯ୍ୟାୟରେ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘ ଏବଂ ଏଚ.ଏମ.ଏସ ଦାବି ତଥା ଆନ୍ଦୋଳନ କରି ମୁଖ୍ୟମନ୍ତ୍ରୀ ଦାବିପତ୍ରମାନ ଦେଇ ଆସୁଥିଲା। ବିଳମ୍ବରେ ହେଲେ ମଧ୍ୟ ଘୋଷଣା ହୋଇଥିବା ଆନନ୍ଦର ବିଷୟ। ସଂସ୍କୃତି ତଥା ଅବକାରୀ ମନ୍ତ୍ରୀ ଅଶ୍ୱିନୀ ପାତ୍ରଙ୍କ ଅଧ୍ୟକ୍ଷତାରେ ଗଠିତ ୫୩ତମ ରାଜ୍ୟ ସର୍ବନିମ୍ନ ମଜୁରି ଉପଦେଷ୍ଟା ବୋର୍ଡ ଗତବର୍ଷ ଫେବୃଆରୀ ୧୩ ତାରିଖରେ ସର୍ବନିମ୍ନ ମଜୁରି ଭି.ଡି.ଏ ବ୍ୟତୀତ ଅଣକୁଶଳୀ ଶ୍ରମିକମାନଙ୍କ ପାଇଁ ଟ.୪୦୦ ରୁ ଆରମ୍ଭ କରି ସର୍ବୋଚ୍ଚ ସ୍ତର ପର୍ଯ୍ୟନ୍ତ ଟ. ୫୫୦ ପର୍ଯ୍ୟନ୍ତ ମଜୁରି ବୃଦ୍ଧିର ସୁପାରିଶ ପ୍ରସ୍ତାବ ଦେଇଥିଲେ। କିନ୍ତୁ ସରକାର ଏହାକୁ ଟ. ୪୦୦ ରୁ ଟ. ୪୫୦ ଏବଂ ସର୍ବୋଚ୍ଚ ଟ. ୬୦୦ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏହା ପ୍ରଶଂସାନୀୟ ତଥା ସ୍ୱାଗତ ଯୋଗ୍ୟ ପଦକ୍ଷେପ। ଏହା ଦ୍ୱାରା ଚାରୋଟି ବର୍ଗର ଲକ୍ଷ ଲକ୍ଷ ଶ୍ରମିକମାନେ ଉପକୃତ ହେବେ। ଏହା ପରେ ପିସ ରେଟ ହାର ମଧ୍ୟ ଶୀଘ୍ର ବୃଦ୍ଧି କରାଯିବା ଉଚିତ ବୋଲି ଶ୍ରୀ ମହାନ୍ତି କହିଛନ୍ତି।




ଝାରସୁଗୁଡ଼ା ଡିଏମ୍‌ଏଫ୍ ସଭାକକ୍ଷରେ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ଅବୋଲୀ ସୁନୀଲ ନରୱଣେ ଅଧିକାରୀଙ୍କୁ ଆଗାମୀ ସାଧାରଣ ନିର୍ବାଚନ ପରିଚାଳନା ସମ୍ପର୍କିତ ସୂଚନା ପ୍ରଦାନ କରୁଛନ୍ତି।

# ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ

**ବରଗଡ଼ ,୧୫।୩(ସମିସ)**

ବରଗଡ଼ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ୪୭ତମ ଜିଲ୍ଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ମଧୁଛନ୍ଦା ସାହୁ ଏହି ବୈଠକରେ ଅଧ୍ୟକ୍ଷତା କରିଥିଲେ। ତାଲିମପ୍ରାପ୍ତ ପ୍ରଶିକ୍ଷାର୍ଥୀଙ୍କ ନିଯୁକ୍ତିର ଏକ ଡାଟାବେସ ପ୍ରସ୍ତୁତ କରିବା ସହ ସେମାନଙ୍କ ସଫଳତାର କାହାଣୀକୁ ବ୍ୟାପକ ପ୍ରଚାର ପ୍ରସାର କରିବା ଏବଂ ବର୍ତ୍ତମାନ ବଜାରର ଆବଶ୍ୟକତା ଅନୁଯାୟୀ ତାଲିମ ବିଷୟବସ୍ତୁ ପ୍ରସ୍ତୁତ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀମତି ସାହୁ ପରାମର୍ଶ ଦେଇଥିଲେ। ସେହିଭଳି ତାଲିମ ନେବା ପରେ ପ୍ରଶିକ୍ଷାର୍ଥୀଙ୍କୁ ବ୍ୟାଙ୍କ ତରଫରୁ ଆର୍ଥିକ ସହାୟତା ଯୋଗାଇବା ସହ ସେମାନଙ୍କୁ ଓଡିଶା ଜୀବିକା ମିଶନରେ ଯୋଡିବା ପାଇଁ ପଦକ୍ଷେପ ନେବେ ବୋଲି ଅତିରିକ୍ତ ଜିଲ୍ଲାପାଳ କହିଥିଲେ। ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ର ନିର୍ଦ୍ଦେଶିକା ସଂଯୁକ୍ତା ପାତ୍ର ଚଳିତଗତ ଗତବର୍ଷ ୭ ହଜାରରୁ ଊର୍ଦ୍ଧ ଲୋକଙ୍କୁ ଆତ୍ମନିଯୁକ୍ତି ତାଲିମ ଦିଆଯାଇଥିବା ବେଳେ ୭୫୦ ଜଣ ବିପିଏଲ ପ୍ରାର୍ଥୀଙ୍କୁ ୨୬ଟି ବିଷୟବସ୍ତୁ ଉପରେ ଆତ୍ମନିଯୁକ୍ତି ତାଲିମ ଦେବା ଲକ୍ଷ୍ୟ ରହିଛି ବୋଲି ସୂଚନା ଦେଇଥିଲେ। ବୈଠକରେ ଜିଲ୍ଲାସ୍ତରୀୟ ଗ୍ରାମୀଣ ଆତ୍ମନିଯୁକ୍ତି ପରାମର୍ଶଦାତା କମିଟିର ସଦସ୍ୟଙ୍କ ସମେତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାମୀଣ ଆତ୍ମନିଯୁକ୍ତି ପ୍ରଶିକ୍ଷଣ କେନ୍ଦ୍ରର କର୍ମକର୍ତ୍ତା ଉପସ୍ଥିତ ଥିଲେ।



# ସ୍କିଲିଂ ଇଣ୍ଡିଆ ଅଭିଯାନ

**ବରଗଡ଼,୧୫।୩(ସମିସ):** ଶୁକ୍ରବାର ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ୍ ପ୍ରାୟୋଜିତ, ଭାରତ ସରକାରଙ୍କ ସ୍କିଲିଂ ଇଣ୍ଡିଆ ଅଭିଯାନ ଅନ୍ତର୍ଗତ ଭ୍ରାମ୍ୟମାଣ ସ୍କିଲିଂ ଇଣ୍ଡିଆ ବସ୍ ମାଧ୍ୟମରେ ଭେଡ଼େନ୍ ବ୍ଲକ୍‌ର ପ୍ରଧାନପାଲି ଗ୍ରାମରେ ୨୪ ଜଣ ଶିକ୍ଷାର୍ଥୀଙ୍କୁ କମ୍ପ୍ୟୁଟର ଓ ୟୁପିଆଇ ସମ୍ବନ୍ଧୀୟ ସାଧାରଣ ଶିକ୍ଷା ପ୍ରଦାନ କରିଥିଲା। ଯାହାକି ସେମାନଙ୍କର ସାମ୍ପ୍ରତିକ ଜୀବନଯାତ୍ରାକୁ ସୁଗମ କରିବା ସହ ପ୍ରତ୍ୟେକ କ୍ଷେତ୍ରରେ ସହାୟକ ହେବ। ଅଧିକରୁ ଅଧିକ ସଂଖ୍ୟକ ଶିକ୍ଷାର୍ଥୀ କେମିତି ଏହି ଅଭିଯାନରେ ସାମିଲ୍ ହୋଇ ଏହାର ଲାଭ ପାଇବେ ସେ ଦିଗରେ ମୁରଲୀ କ୍ରିଷ୍ଣା ଫାଉଣ୍ଡେସନ ସର୍ବଦା ତତ୍ପର ବୋଲି କୁହାଯାଇଛି।



# ପ୍ରସନ୍ନଙ୍କ ଆଶୁ ଆରୋଗ୍ୟ କାମନା କଲେ ସମର୍ଥକ, ଶୁଭେଚ୍ଛୁ



**ସମ୍ବଲପୁର, ୧୫।୩(ସମିସ)**

ଗୁରୁବାର ବିଳମ୍ବିତ ରାତିରେ ଜାତୀୟ ରାଜପଥ ୫୫ ରେଢ଼ାଖୋଲ ନିକଟରେ ସଂଘଟିତ ସଡ଼କ ଦୁର୍ଘଟଣାରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ଗୁରୁତର ଆହତ ହୋଇଥିଲେ। ଏବେ ସେ ସୁସ୍ଥ ଥିବା ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଠାରୁ ଆରମ୍ଭ କରି ଦଳମତ ନିର୍ବିଶେଷରେ ବହୁ ନେତା, କର୍ମୀ ଶ୍ରୀ ଆଚାର୍ଯ୍ୟଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଦୁର୍ଘଟଣାସ୍ଥଳରୁ ଶ୍ରୀ ଆଚାର୍ଯ୍ୟଙ୍କୁ ତୁରନ୍ତ ସମ୍ବଲପୁରର ଏକ ଘରୋଇ ହସ୍‌ପିଟାଲକୁ ଅଣାଯାଇଥିଲା। ଏହି ଘଟଣା ଜଣାପଡ଼ିବା ପରେ ଗତ ରାତିଠାରୁ ଶ୍ରୀ ଆଚାର୍ଯ୍ୟଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର ପର୍ଯ୍ୟନ୍ତ ନେତା, କର୍ମୀଙ୍କ ସୁଅ ଛୁଟିଥିଲା। ଡାକ୍ତରଖାନାରେ ତୁରନ୍ତ ଆରଡିସି ଶ୍ରୀକାନ୍ତ ପୃଷ୍ଟି, ଜିଲ୍ଲାପାଳ ଅକ୍ଷୟ ସୁନୀଳ ଅଗ୍ରୱାଲ, ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ କୁମାର ଭାମୁ ପହଞ୍ଚି ଚିକିତ୍ସାର ତଦାରଖ କରିଥିଲେ। ସେହିପରି ରେଙ୍ଗାଲି ବିଧାୟକ ନାଉରୀ ନାଏକ, ବିଜେପି ନେତ୍ରୀ ରାଧାରାଣୀ ପଣ୍ଡା, ବିଜେପି ଜିଲ୍ଲା ସଭାପତି ଗିରିଶ ପଟେଲ, ବିଜେଡି ଜିଲ୍ଲା ସଭାପତି ତଥା ବିଧାୟକ ରୋହିତ ପୂଜାରୀ, କାଳିଆ ଯୋଜନା ରାଜ୍ୟ ଉପଦେଷ୍ଟା ସଞ୍ଜୟ ବାବୁ, ରାଜ୍ୟ ସଂପାଦକ ସିଦ୍ଧାର୍ଥ ଦାସ, ପ୍ରମୋଦ ରଥଙ୍କ ସମେତ ବରଗଡ଼ ଓ ସମ୍ବଲପୁର ଜିଲ୍ଲାର ସମର୍ଥକ ଦଳୀୟ ନେତା ମେଡିକାଲରେ ପହଞ୍ଚିଥିଲେ। ଏବେ ସେ ଚିକିତ୍ସାଧୀନ ରହିଥିବାବେଳେ ତାଙ୍କ ଅବସ୍ଥା ସୁସ୍ଥ ଥିବା ଜଣାପଡ଼ିଛି।

## ସରୁ ରାସ୍ତା, ନଥିଲା ଡିଭାଇଡର
## ତଦନ୍ତ କଲେ ଆର୍‌ଟିଓ, ଏନ୍‌ଏଚ୍‌ଆଇ ଅଧିକାରୀ





### ଏନ୍‌ଏଚ୍‌ଆଇ ସୁରକ୍ଷା ନିୟମ ପାଳନ କରୁନାହିଁ

ସମ୍ବଲପୁର ଅନୁଗୋଳ ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ପ୍ରତିଦିନ ଦୁର୍ଘଟଣା ଘଟି ଧନଜୀବନ ହାନୀ ହେଉଛି। ଏଥିପାଇଁ ଏନ୍‌ଏଚ୍‌ଆଇକୁ ଦାୟୀ କରିଛନ୍ତି ଜନସାଧାରଣ। ରାସ୍ତା କାମ ଆରମ୍ଭରୁ ଆଜକୁ ୭ବର୍ଷ ବିତିଯାଇଥିଲେ ମଧ ଶେଷ କରାଯାଇ ପାରୁନାହିଁ। ରାସ୍ତା ନିର୍ମାଣ ସମୟରେ ଠିକା ସଂସ୍ଥାକୁ ଏନଏଚଆଇ ପକ୍ଷରୁ କେତେକ ନିୟମବଳୀ ଦିଆଯାଇଥାଏ। କିଭଳି ଭାବେ ସୁରକ୍ଷା ବ୍ୟବସ୍ଥା କରିବେ ତାହା ଉଲ୍ଲେଖ ରହିଥାଏ। ହେଲେ ଏହି ରାସ୍ତା ନିର୍ମାଣରେ କୌଣସି ନିୟମ ପାଳନ କରାଯାଉ ନାହିଁ। ଆଜି ମଧ ରାସ୍ତା ସରୁ ହେବା ସ୍ଥାନରେ ସତର୍କ ସୂଚନା ଦିଆଯାଇ ନଥିଲା, ରେଡିୟମ ଲଗା ଯାଇନଥିଲା। ଡିଭାଇଡର ଗୁଡିକ ମଧ ରାସ୍ତାରେ ଲଗାଯାଇ ନାହିଁ। ଫଳରେ ଏତେ ବଡ଼ ଦୁର୍ଘଟଣା ଘଟିଗଲା।

## ପ୍ରସନ୍ନ ଆଚାର୍ଯ୍ୟଙ୍କ ପାଇଁ ମନ୍ଦିରରେ ମନ୍ଦିରରେ ପୂଜା ପ୍ରାର୍ଥନା

**ପଢ଼ିଆବାହାଲ :** ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟଙ୍କ ଆକସ୍ମିକ ଦୁର୍ଘଟଣା ଖବର ପାଇ ଗାଁରୁ ସହରଯାଏ ସମସ୍ତେ ତାଙ୍କର ଆଶୁ ଆରୋଗ୍ୟ କାମନା କରୁଛନ୍ତି। ଗାଁ ଗାଁରେ ଏଥିପାଇଁ ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି। ରେଢାଖୋଲ ନିର୍ବାଚନ ମଣ୍ଡଳୀର କୁକୁଡାପାଲି, ଡଙ୍ଗରପାଡାର ପଟୁଆବାହାଲ, ବାହାମର କଦଳିମୁଣ୍ଡା, ଖଲିଆପାଲି ପ୍ରଭୃତି ସ୍ଥାନରେ ବଜେଡି କର୍ମୀ ଓ ଗ୍ରାମବାସୀ ଆରୋଗ୍ୟ କାମନା କରି ପୂଜା ପାଠ, ଦୀପ ପ୍ରଜ୍ୱଳନ ସହିତ ପ୍ରାର୍ଥନା କରିଛନ୍ତି। ଅନ୍ୟପକ୍ଷରେ ସମ୍ବଲପୁର ବିଜୁ ସ୍ମୃତି କମିଟି ପକ୍ଷରୁ ମଧ ମା'ସମଲେଶ୍ୱରୀଙ୍କ ପାଖରେ ମଧ ପୂଜା କରାଯାଇଛି।



## ଟ୍ରକ୍ ଆଲୁଅ ଡ୍ରାଇଭରକୁ ଚମ୍‌କେଇ ଦେଇଥିଲା

ସମୟ ରାତି ପ୍ରାୟ ସାଢେ ୧୨ଟା। ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ଆଚାର୍ଯ୍ୟ ତାଙ୍କ ପିଏସ୍‌ଓଙ୍କ ସହ ଭୁବନେଶ୍ୱରରୁ ବରଗଡ଼ ଅଭିମୁଖେ ଫେରୁଥିଲେ। ଠିକ୍ ରେଢ଼ାଖୋଲ ପହଞ୍ଚିବା ୫କିମି ପୂର୍ବରୁ ଏକ ଟ୍ରକ୍ ତାଙ୍କ ଗାଡ଼ିକୁ ଧକ୍କା ଦେଇଥିଲା। ଶ୍ରୀ ଆଚାର୍ଯ୍ୟ ପଛ ସିଟ୍‌ରେ ଓ ତାଙ୍କ ପିଏସଓ ଆଗ ସିଟିରେ ବସିଥିଲେ। ଡ୍ରାଇଭର ଗାଡି ପ୍ରାୟ ୭୦/୮୦ କିମି ବେଗରେ ଗାଡ଼ି ଚଳାଉଥିଲେ। ତେବେ ରେଢାଖୋଲ ପହଞ୍ଚିବା ୫କିମି ପୂର୍ବରୁ ଲୁହାପଙ୍କ ଠାରେ ଘଟିଥିଲା ଦୁର୍ଘଟଣା। ସମ୍ମୁଖ ପଟରୁ ଆସୁଥିବା ଏକ ଗ୍ୟାସ ବୋଝେଇ ଟ୍ରକ ତାଙ୍କ କାର୍‌କୁ ଧକ୍କା ଦେଇଥିଲା। ଫଳରେ ଶ୍ରୀ ପ୍ରସନ୍ନ ଗୁରୁତର ହୋଇପଡ଼ିଥିଲେ। ପିଏସ୍‌ଓ ରାଘବ ପ୍ରଧାନ ଆହତ ହୋଇ ଏକେ ଘରୋଇ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ସମ୍ମୁଖର ପଟରୁ ଆସୁଥିବା ଟ୍ରକ୍ ଲାଇଟ୍ ଡିପର୍ ଦେଇ ନ ଥିଲା। ଏପରିକି ଏପଟସେପଟ ଚଳାଉଥିଲା ଏବଂ ସିଧା ସମ୍ମୁଖରୁ ବାଡ଼େଇ ଦେଇଥିଲା ବୋଲି ଡ୍ରାଇଭର କହିଛନ୍ତି।

## ଘଟଣାସ୍ଥଳ ପରିଦର୍ଶନ କଲେ ଆର୍‌ଟିଓ, ଏନ୍‌ଏଚ୍‌ଏଆଇ

ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେଡ଼ି ନେତାଙ୍କ ଗାଡ଼ିକୁ ଏକ ଟ୍ରକ୍ ଦେବା ଘଟଣାକୁ ନେଇ ପୂରା ପ୍ରଶାସନ ଚିନ୍ତାରେ ପଡ଼ିଯାଇଥିଲା। ଆଜି ଘଟଣାସ୍ଥଳରେ ଆର୍‌ଟିଓ, ଏନ୍‌ଏଚ୍‌ଆଇ ବିଭାଗ, ପୁଲିସ ମିଳିତ ଭାବେ ଦୁର୍ଘଟଣାର କାରଣର ତଦନ୍ତ ଆରମ୍ଭ କରିଛନ୍ତି। କେଉଁ କାରଣରୁ ଦୁର୍ଘଟଣା ଘଟିଲା। କେତେ ଗତିରେ ଉଭୟ ଗାଡ଼ି ଥିଲା, ଗାଡ଼ି ଗୁଡ଼ିକର କ'ଣ କ୍ଷତି ହୋଇଛି, କାହାର ଭୁଲ୍ ରହିଥିଲା ଆଦି ସବୁ ଦିନ ଉପରେ ଅଧିକାରୀମାନେ ତଦନ୍ତ କରୁଛନ୍ତି।

---

## ସୋନପୁର-ବଲାଙ୍ଗିର ମଧ୍ୟରେ ନିୟମିତ ଦୁଇ ଯୋଡ଼ା ଟ୍ରେନ୍ ଚଳାଚଳ ଆରମ୍ଭ

**ସୋନପୁର, ୧୫।୩ (ସମିସ):** ସୋନପୁର-ବଲାଙ୍ଗିର ମଧ୍ୟରେ ଶୁକ୍ରବାରଠାରୁ ନିୟମିତ ଦୁଇ ଯୋଡା ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ବଲାଙ୍ଗିର-ବିଚ୍ଛୁପାଲି ପାସେଞ୍ଜର ସୋନପୁର ଯାଏଁ ସମ୍ପ୍ରସାରିତ ହୋଇଛି। ୦୮୩୦୫/୦୮୩୦୬ ନମ୍ବର ବିଶିଷ୍ଟ ଟ୍ରେନ୍ ୮ଟା ୧୫ରେ ବଲାଙ୍ଗିର ଛାଡି ୯ଟା ୪୫ରେ ସୋନପୁରରେ ପହଞ୍ଚିଥିଲା। ଏହି ଟ୍ରେନ୍ ଦିନ ୧୦ଟା ୪୫ରେ ସୋନପୁର ଷ୍ଟେସନ୍ ଛାଡି ବଲାଙ୍ଗିରରେ ମଧ୍ୟାହ୍ନ ୧୨ଟାରେ ପହଞ୍ଚିଥିଲା। ୦୮୩୦୭/୦୮୩୦୮ ନମ୍ବର ବିଶିଷ୍ଟ ଟ୍ରେନ୍ ଦିନ ୧୨ଟା ୫୦ରେ ବଲାଙ୍ଗିର ଛାଡି ୨ଟା୨୦ରେ ସୋନପୁରରେ ପହଞ୍ଚିଥିଲା। ପୁଣି ସନ୍ଧ୍ୟାରେ ଏହି ଟ୍ରେନ୍ ସୋନପୁରରୁ ୫ଟାରେ ଛାଡି ବଲାଙ୍ଗିରରେ ୬ଟା ୧୫ରେ ପହଞ୍ଚିଥିଲା। ସେହିପରି ଶୁକ୍ରବାରଠାରୁ ବଲାଙ୍ଗିର-ସୋନପୁର ମଧ୍ୟରେ ଏକ ନୂତନ ଟ୍ରେନ୍ ଚଳାଚଳ ଆରମ୍ଭ ହୋଇଛି। ସନ୍ଧ୍ୟା ୭ଟା ୧୫ରେ ବଲାଙ୍ଗିର ଷ୍ଟେସନ୍‌ରୁ ଏହି ଟ୍ରେନ୍ ଯାତ୍ରା ଆରମ୍ଭ କରି ସୋନପୁର ଷ୍ଟେସନ୍‌ରେ ୮ଟା ୪୫ରେ ପହଞ୍ଚିଥିଲା। ରାତିରେ ସୋନପୁର ପହଞ୍ଚିଥିବା ଟ୍ରେନ୍ ଶନିବାର ଭୋର ୪ଟା ୧୫ରେ ସୋନପୁରରୁ ବଲାଙ୍ଗିର ଯାତ୍ରା କରି ସକାଳ ସାଢେ ୫ଟାରେ ପହଞ୍ଚିବ।

## ସୋନପୁର ବସଷ୍ଟାଣ୍ଡ ଦୁର୍ଗନ୍ଧମୟ

**ସୋନପୁର, ୧୫।୩ (ସମିସ):** ସୋନପୁର ବସଷ୍ଟାଣ୍ଡରେ କିଛି ସମୟ ଛିଡା ହେଲେ ଯାତ୍ରୀଙ୍କ ଦୁର୍ଦ୍ଦଶା ବଢ଼ି ଯାଉଛି। ନାକରେ ହାତ ଚାପି ଯାତ୍ରୀ ଛିଡା ହେଉଥିବା ଦେଖିବାକୁ ମିଳୁଛି। ପଚା ଗନ୍ଧ ଯୋଗୁଁ ବସଷ୍ଟାଣ୍ଡ ମଧ୍ୟରେ ଛିଡା ହେବା ପାଇଁ ମଧ ଲୋକେ ମନ ବଳାଉ ନାହାନ୍ତି। ନୂତନ ବସଷ୍ଟାଣ୍ଡ ନିର୍ମାଣ ପାଇଁ ପୁରୁଣା ଟାଉନ୍ ହଲ ପରିସର ଖାଲି କରାଯାଇଛି। ଏହି ଖାଲି ସ୍ଥାନରେ କିଛି କୁକୁଡା ଦୋକାନୀ ଆବର୍ଜନା ଫୋପାଡୁ ଥିବାରୁ ଏଭଳି ଗନ୍ଧ ହେଉଛି ବୋଲି ସ୍ଥାନୀୟ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ତେବେ ପରିତାପର ବିଷୟ ଏହି ସ୍ଥାନଟି ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଥିଲେ ମଧ କିଭଳି ଏହି ଗନ୍ଧ ଅଧିକାରୀଙ୍କ ନାକରେ ବାଜୁନି ତାହା ପ୍ରଶ୍ନ ସୃଷ୍ଟି କରିଛି।

## ଠିକାଦାର ପୋଷା ନୀତିରେ ଚାଲିଛି ସେତୁ କାମ

**ଶଗଡ଼ା, ୧୫ ।୩(ସମିସ):** ସରକାର ଗମନାଗମନ କ୍ଷେତ୍ରରେ ଉନ୍ନତି ଆଣିବା ପାଇଁ ଅନେକ ଯୋଜନା ପ୍ରଣୟନ କରି ବାର୍ଷିକ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ଅନେକ ରାସ୍ତାରେ ସୁଉଚ୍ଚ ସେତୁ ନିର୍ମାଣ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି; ହେଲେ ବିଭାଗୀୟ ଅଧିକାରୀଙ୍କ ଦୂରଦୃଷ୍ଟିର ଅଭାବ ସାଙ୍ଗକୁ ଲାଭଖୋର ମନିବୃତ୍ତି ଯୋଗୁଁ ଯୋଜନାର ଠିକ ରୂପାୟନ ହେଉ ନ ଥିବା ବେଳେ ଜନସାଧାରଣ ଏହାର ସୁବିଧାରୁ ବଞ୍ଚିତ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ସୁବିଧା ଅପେକ୍ଷା ଠିକାଦାର ପୋଷା ନୀତିରେ ଚାଲିଛି ସେତୁ କାମ।

କଣ୍ଢାମାଳ ବ୍ଲକ ପଲସାଗୋରା ପଞ୍ଚାୟତ ଦପଲା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କଠାରୁ ଗୁଆବାହାଲ୍ ଫେରିଘାଟ ପର୍ଯ୍ୟନ୍ତ ଯାଇଥିବା ରାସ୍ତାର ଗୁଆବାହାଲ ନାଳରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏକ ସୁଉଚ୍ଚ ସେତୁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ ଗୁଆବାହାଲ ଗ୍ରାମବାସୀ ବନ୍ୟାରେ ପ୍ରଭାବିତ ହେଉଥିବା ବେଳେ ୫୦ପରିବାରରୁ ବର୍ତ୍ତମାନ ପାଖାପାଖି ୨୦ପରିବାର ଗ୍ରାମରେ ବସବାସ କରୁଛନ୍ତି। ଏହି ୨୦ ପରିବାର ପାଇଁ ବିଭାଗ ପକ୍ଷରୁ ୬କୋଟି ୩୮ଲକ୍ଷ ଟଙ୍କା ବ୍ୟୟ ଅଟକଳରେ





ସେତୁ ନିର୍ମାଣ କରାଯାଉଛି। ୬ମିଟର ଓସାର ଏହି ନାଳରେ ବିଭାଗ ପକ୍ଷରୁ ସର୍ଭେ କରାଯାଇ ୧୦୧ ମିଟର ଲମ୍ବର ଏକ ଉଚ୍ଚ ସେତୁ ନିର୍ମାଣ କରାଯାଉଛି। ନିର୍ମାଣ କାର୍ଯ୍ୟରେ ଲୋକଙ୍କ ସୁବିଧା ଅପେକ୍ଷା ଠିକାଦାରକୁ ଅଧିକ ଗୁରୁତ୍ୱ ଦିଆ ଯାଉଛି। ଏହି ସେତୁ ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ବେଳେ କଂକ୍ରିଟ କାମରେ ବ୍ୟାପକ ହେରଫେର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଏକାଥରକେ ୫ଟି ଚିପ୍ସ, ୩ଟି ବାଲି ସହ ୩୦ଟି ସିମେଣ୍ଟ ଦେବାକୁ ନିୟମ ଥିବା ବିଭାଗୀୟ କର୍ମଚାରୀ କହୁଥିବା ବେଳେ ମିଶ୍ରଣରେ ୨୦ଟି ସିମେଣ୍ଟ ଦିଆଯାଉଛି। ଏଣୁ ସେତୁର ସ୍ଥାୟିତ୍ୱକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମିଶ୍ରଣ ସହ କାର୍ଯ୍ୟ ନିମ୍ନମାନର ହେଉଥିବା ଅଞ୍ଚଳବାସୀ ଅଭିଯୋଗ କରିବା ପରେ ମଧ ଠିକାଦାର କାହାରି କୌଣସି କଥା ଶୁଣୁ ନ ଥିବା ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗର ଯନ୍ତ୍ରୀଙ୍କୁ ପଚାରିବାରୁ କାମ ନିମ୍ନମାନର ହେଉନି। ବନ୍ୟା ସମୟରେ ପାଣି ଫୁଲିବା ସହ ବଢୁଥିବାରୁ ଏଭଳି ଉଚ୍ଚ ସେତୁ ନିର୍ମାଣ କରାଯାଉଥିବା କହିଛନ୍ତି। ତେବେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏହାର ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ପଥରଖଣିରେ ବିସ୍ଫୋରଣଯୋଗୁ ଯୁବକ ଗୁରୁତର ଘଟଣା
## କ୍ଷତିପୂରଣ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

**ନୂଆପଡ଼ା, ୧୫ ।୩(ସମିସ):** ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ରୋହେନପଦର ଗାଁରେ ବେଆଇନ ପଥର ବ୍ଲାଷ୍ଟିଂରେ ଜଣେ ଯୁବକଙ୍କ

- କେବଳ ପଚରାଉଚରାରେ କାମ ସାରି ଦେଇଛି ପୁଲିସ
- କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନି

ଦୁଇ ଗୋଡ ଓ ହାତ ଭାଙ୍ଗିଛି। ଏହି ଘଟଣାରେ ଶୁକ୍ରବାର କ୍ଷତୂପରଣ ଓ ପଥର ବ୍ଲାଷ୍ଟିଂ କରିଥିବା ମାଲିକ ଉପରେ କାର୍ଯ୍ୟାଷ୍ଠାନ ପାଇଁ ଯୁବକଙ୍କ ପରିବାର ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଗତ ୭ ତାରିଖ ରୋହେନପଦର ଗ୍ରାମର ଡୋଲାମଣୀ ମାଝି ନିଜ ଚାଷ ଜମିରେ ଗାଈ ଚରାଉଥଲେ। ସମୟରେ ନିକଟସ୍ଥ ଏକ ବେଆଇନ ପଥର ଖାଦାନରେ ହଠାତ ବ୍ଲାଷ୍ଟିଂ ହୋଇଥିଲା। ପଥର ଖଣ୍ଡ ଆସି ଡୋଲାମଣି ମାଝୀଙ୍କ ଦେହରେ ବାଜିଥିଲା। ଏହାଫଳରେ ତାଙ୍କ ଦୁଇ ଗୋଡ଼ ଓ ବାମ ହାତ ଭାଙ୍ଗି ଯାଇଥିଲା। ଗୁରୁତର ଅବସ୍ଥାରେ ଘର ଲୋକେ ତାଙ୍କୁ ଖଡ଼ିଆଳ ଡାକ୍ତରଖାନା ନେଇଥିଲେ। ପରେ ସେଠାରୁ ନୂଆପଡ଼ା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଶେଷରେ ରାୟପୁରର ଏକ ଘରୋଇ ଡାକ୍ତରଖାନରେ ଭର୍ତ୍ତି କରାଯାଇଛି। ପରିବାର ଲୋକଙ୍କ ତରଫରୁ ଜମି ମାଲିକ ବସନ୍ତ ସିଂଦେଓ, ଲିଜ୍ ନେଇଥିବା ରଘୁନାଥ ଭୋଇ ଓ ବୈଷ୍ଣବ ହଂସଙ୍କ ନାଁରେ ଖଡ଼ିଆଳ ଥାନାରେ ଅଭିଯୋଗ କରାଯାଇଛି। ଖଡ଼ିଆଳ ପୁଲିସ ଗାଁକୁ ଯାଇ କେବଳ ପଚରାଉଚରା କରି କାମ ସାରି ଦେଇଛି। ଅଭିଯୁକ୍ତଙ୍କ ଉପରେ କିନ୍ତୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ। ଏଣୁ ଡୋଲାମଣିଙ୍କ ପରିବାର ପୁଲିସରେ ଅସନ୍ତୋଷ ପ୍ରକାଶ କରିଛନ୍ତି।



## ସାଧାରଣ ନିର୍ବାଚନ ନିମନ୍ତେ ପ୍ରାକ୍ ପ୍ରସ୍ତୁତି ବୈଠକ
## ଅବାଧ ନିର୍ବାଚନ ଉପରେ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ସୋନପୁର, ୧୫ ।୩ (ସମିସ):** ସୋନପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଆସନ୍ତା ନିର୍ବାଚନ ପ୍ରସ୍ତୁତିକୁ ନେଇ ଏକ ପ୍ରାକ୍ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲପାଳ ଅନ୍ୟା ଦାସ ଅଧକ୍ଷତା କରିଥିଲେ। ବିଭିନ୍ନ ଟିମ୍‌ରେ ନିୟୋଜିତ ନୋଡାଲ ଅଧିକାରୀ ଓ ସହଯୋଗୀ ଅଧିକାରୀ ଏଥିରେ ଯୋଗ ଦେଇଥିଲେ। ନିର୍ବାଚନକୁ ସ୍ୱଚ୍ଛ, ଦୁର୍ନୀତୀମୁକ୍ତ ଓ ନିରପେକ୍ଷ କରିବା ପାଇଁ ନିଷ୍ଠାପର ଭାବେ ନିଜ ନିଜର ଦାୟତ୍ୱ ସମ୍ପାଦନ କରିବାକୁ ଜିଲ୍ଲାପାଳ ଏହି ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ନିର୍ବାଚନରେ ନିୟୋଜିତ ହେବାକୁ ଥିବା ମାନବ ସମ୍ବଳ ପରିଚାଳନା କମିଟି, ଟ୍ରେନିଂ ପରିଚାଳନା କମିଟି, ଏମସିଏମସି କମିଟି, ମ୍ୟାଟେରିଆଲ ପରିଚାଳନା କମିଟି, ଟ୍ରାନ୍ସପୋର୍ଟ ପରିଚାଳନା, ଆଇଟି ଓ କମ୍ପ୍ୟୁଟାରିଜେସନ, ମଡେଲ କୋଡ୍ ଅଫ କଣ୍ଡକ୍ଟ, ଖର୍ଚ୍ଚ ସର୍ବେକ୍ଷଣ କମିଟି, ଇଲେକ୍ଟ୍ରାଲ ରୋଲ, ଭୋଟର ହେଲ୍ପଲାଇନ କମିଟିର ନୋଡାଲ ଅଧିକାରୀ ଓ ସହଯୋଗୀ ଅଧିକାରୀଙ୍କୁ ନେଇ ପର୍ଯ୍ୟାୟ କ୍ରମେ ଜିଲ୍ଲାପାଳ ଆଲୋଚନା କରିଥିଲେ। ବୈଠକରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର ନାଥ କହଁର, ଅତିରିକ୍ତ ଜିଲ୍ଲାପାଳ (ଜେନେରାଲ) ଅଞ୍ଜଳିନା ପ୍ରଧାନ, ସୋନପୁର ଉପଜିଲ୍ଲାପାଳ ସୁରଜ ପଟ୍ଟନାୟକ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ନିର୍ବାଚନ ଶାଖା ଅଧିକାରୀ ଯଶସ୍ୱିନୀ ପୋଥାଲଙ୍କ ସହ ନୋଡାଲ ଅଧିକାରୀ ପ୍ରମୁଖ ଥିଲେ।

## ଗୁରୁଗୌରବ ବିପିନ ବିହାରୀ ଗୁରୁଙ୍କ ଜନ୍ମ ଶତବାର୍ଷିକୀ

**ଡୁଷୁରା, ୧୫।୩ (ସମିସ):** ଅଗ୍ରସେନ ଭବନରେ ସାହିତ୍ୟିକ ତୁଳସୀ ଜୈନଙ୍କ ଅଧକ୍ଷତାରେ ଗୁରୁଗୌରବ ବିପିନ ବିହାରୀ ଗୁରୁଙ୍କ ଜନ୍ମ ଶତବାର୍ଷିକୀ ମହାସମାରୋହରେ ପାଳିତ ହୋଇଛି। ମୁଖ୍ୟଅତିଥି ଭାବେ ସାହିତ୍ୟିକ ତଥା ଓଡିଶା ସାହିତ୍ୟ ଏକାଡେମୀର ପ୍ରାକ୍ତନ ସଭାପତି ବିଦ୍ୟା ବାଚସ୍ପତି ପଦ୍ମଶ୍ରୀ ଡ. ଶ୍ରୀନିବାସ ଉଦ୍‌ଗାତା, ମୁଖ୍ୟବକ୍ତା ଗାଳ୍ପିକା ଡ. ମଞ୍ଜୁବାଳା ପଣ୍ଡା, ସମ୍ମାନିତଅତିଥି ଭାବେ ସ୍ୱର୍ଗତ ଗୁରୁଙ୍କ ସୁପୁତ୍ର ଡ. ଭକ୍ତପ୍ରସାଦ ଗୁରୁ, ଶିକ୍ଷାବିତ ରାମଚନ୍ଦ୍ର ପ୍ରଧାନ, ଯୁଗଳ କିଶୋର ପ୍ରଧାନ ଓ ସମାଜସେବୀ ଦୀନଦୟାଲ କେଡିଆ ଯୋଗ ଦେଇଥିଲେ। ଆଶୁକବି ହେମନ୍ତ ଦାଶ ସଭା ସଞ୍ଚାଳନ କରିଥିଲେ। କବୟିତ୍ରୀ ତୃପ୍ତିମୟୀ ତ୍ରିପାଠୀ ସ୍ୱାଗତ ସଂଗୀତ ପରିବେଷଣ କରିଥିବା ବେଳେ ଅଧ୍ୟାପକ ଜୟକୁମାର ଆଚାର୍ଯ୍ୟ ବିବରଣୀ ପାଠ କରିଥିଲେ। ଏହି ଶୁଭ ଅବସରରେ ସ୍ୱର୍ଗତ ଗୁରୁଙ୍କ ସ୍ମରଣାର୍ଥେ ଏକ ସ୍ମରଣିକା 'ଗୁରୁଗୌରବ ବିପିନ ବିହାରୀ' ଉନ୍ମୋଚିତ ହୋଇଥିଲା। ଏଥିରେ ଶତାଧିକ କବି, ଲେଖକ, ଶୁଭେଚ୍ଛୁ, ସ୍ୱର୍ଗତ ଗୁରୁଙ୍କ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ଜାଗୃତି ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୋକ ମହୋତ୍ସବ ଉଦନ୍ତୀ ଉଦ୍‌ଘାଟିତ
# ଚହଟିଲା କଳା ସଂସ୍କୃତିର ମହକ





**ସିନାପାଲି, ୧୫ ।୩ (ସମିସ)**

ନୂଆପଡ଼ା ଜିଲ୍ଲା ସିନାପାଲି ଲୋକ ମହୋତ୍ସବ ଉଦନ୍ତୀ-୨୦୨୪ ଶୁକ୍ରବାର ସ୍ଥାନୀୟ ହାଇସ୍କୁଲ ପଡ଼ିଆରେ ଉଦ୍‌ଘାଟିତ ହୋଇଛି। ଏଥି ପାଇଁ ସିନାପାଲି ସହର ଉତ୍ସବ ମୁଖର ହୋଇଉଠିଛି। ସଙ୍କୀର୍ତ୍ତନ, ସମ୍ପ୍ରଦା, ଘଣ୍ଟ ବାଦ୍ୟ, ଘୁମୁରା ସମେତ ଅନେକ ସାଂସ୍କୃତିକ ଦଳ ସହ ପାରମ୍ପରିକ ଛତର ଶୋଭାଯାତ୍ରାରେ ବାହାରି ସିନାପାଲି ସହର ପରିକ୍ରମା କରିଥିଲା। ସିନାପାଲି ମାଟିର ଆରାଧ ଦେବୀ ମାଁ ମହୁଲଗୋଛେନ ଓ ସ୍ଥାନୀୟ ଦୁର୍ଗା ମନ୍ଦିରରୁ ରୀତି ଅନୁସାରେ ପୂଜା କାର୍ଯ୍ୟ ପରେ ମଶାଲ ଶୋଭାଯାତ୍ରା କରାଯାଇ ମହୋତ୍ସବ ପଡ଼ିଆରେ ସ୍ଥାପନ ପୂର୍ବକ ଉଦ୍‌ଘାଟିତ ହୋଇଥିଲା। ନୂଆପଡ଼ା ଜିଲ୍ଲା ଶିକ୍ଷା ଅଧିକାରୀ କରୁଣାକର ଭୁଏ ମହୋତ୍ସବର ଉଦ୍‌ଘାଟନ କରିଥିଲେ।

ଉଦନ୍ତୀ ମହୋତ୍ସବ କଳା ସାହିତ୍ୟ, ସଂସ୍କୃତି ଓ ପରମ୍ପରାର ଏକ ମହା ମିଳନ। ଏହି ମହୋତ୍ସବ ଜିଲ୍ଲାର ପାରମ୍ପାରିକ କଳା ଓ ସଂସ୍କୃତିର ପୁନଃରୁଦ୍ଧାର ସହ ଲୁକ୍କାୟିତ ପ୍ରତିଭାକୁ ଲୋକ ଲୋଚନକୁ ଆଣିବା ଏବଂ ଲୋକଙ୍କ ପାଖରେ ରାଜ୍ୟ ସରକାରଙ୍କ ବିକାଶର ବାର୍ତ୍ତା ପହଞ୍ଚାଇବାରେ ଏକ ବଳିଷ୍ଠ ମଞ୍ଚ ବୋଲି ମୁଖ୍ୟ ଅତିଥି ଓ ଅନ୍ୟାନ୍ୟ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଉତ୍ସବ ପାଳନ କମିଟି ସଭାପତି ନୀଳମଣି ମେହେର, କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ଯୋଶୀ, ସାଧାରଣ ସମ୍ପାଦକ ବୈଷ୍ଣବ ମେହେର, ଜିଲ୍ଲା ପରିଷଦ ସଦସ୍ୟା ଆଶା ଜୈନ, ଲିଙ୍ଗରାଜ ଘିଭେଲା, ସୁବାଷ ଅଗ୍ରୱାଲ, ପ୍ରଦୀପ ଜୈନ, ଲଳିତ ସୁନାରୀ, ଶଶୀଭୂଷଣ ମାଝୀ ପ୍ରମୁଖ ମଞ୍ଚାସୀନ ଥିଲେ।

### ସାଂସ୍କୃତିକ ଶୋଭାଯାତ୍ରାରେ କମ୍ପିଲା ସିନାପାଲି ସହର

ସନ୍ଧ୍ୟାରେ ସାଂସ୍କୃତିକ ସଭାରେ ମହୋତ୍ସବ ପାଳନ କମିଟି ସଭାପତି ନୀଳମଣି ମେହେର ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବରେ ଉପଖଣ୍ଡ ପୁଲିସ ଅଧିକାରୀ ଅରୁପ ଅଭିଷେକ ବେହେରା, ବିଶିଷ୍ଟ ଅତିଥି ଭାବେ ସିନାପାଲି ବିଡ଼ିଓ ସର୍ବେଶ୍ୱର ଜାଲ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ଶଶୀଭୂଷଣ ମାଝୀ, ନୋଡାଲ ହାଇସ୍କୁଲ ପ୍ରଧାନ ଶିକ୍ଷକ ଲଳିତ ସୁନାରୀ, ଯୁଗ୍ମ ସମ୍ପାଦକ ସୁରଜ ମେହେର, ସମିତି ସଭ୍ୟ ମନୀଷ ପଟେଲ, ଏସଏସକେପି ସଭାପତି ତ୍ରିନାଥ ମେହେର, ଥାନାଧିକାରୀ ରଶ୍ମିତା ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ବଂଶୀଧର ଜଗତ ଅତିଥିଙ୍କୁ ମଞ୍ଚକୁ ଆମନ୍ତ୍ରଣ କରି ପରିଚୟ ପ୍ରଦାନ କରିଥିଲେ। ଗାୟତ୍ରୀ ଶକ୍ତି ପିଠ ପକ୍ଷରୁ ଦେବପୂଜା ଓ ବେଦପାଠ କରାଯାଇଥିଲା। ଉତ୍ସବ ପାଳନ କମିଟିର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ରନାଥ ଯୋଶୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଜିତେନ୍ଦ୍ରୀୟ ମେହେର ବିବରଣୀ ପଠନ କରିଥିଲେ। ଏହି ଅବସରରେ ବିଶିଷ୍ଟ ସଙ୍ଗୀତଜ୍ଞ ଅଶୋକ ମିଶ୍ର ଓ ବ୍ରହ୍ମବାଣୀ ବାଦକ ଭଗବାନ ଦେବଗୁରୁଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା। ଲୋଇସିଙ୍ଘା ସଙ୍ଗୀତ ସାଧନା, ଭବାନୀପାଟଣା ନଟରାଜ ସାଂସ୍କୃତିକ ଅନୁଷ୍ଠାନ, ପଦ୍ମପୁର ସଙ୍ଗୀତ ସମିତି, ଚପରିଆର ମାଁ ମଉଳି ସାଂସ୍କୃତିକ ଅନୁଷ୍ଠାନ, ରାୟଗଡ଼ାର ଗାୟତ୍ରୀ କଳା ସଂଗଠନ କଳାକାରଙ୍କ ସହ ନଙ୍ଗଲବୋଡ଼ର ବଜାଶାଳ ଲୋକନୃତ୍ୟ ପରିବେଷିତ ହୋଇଥିଲା। ପ୍ରଦ୍ୟୁମ୍ନ ସିଂ ଚିନ୍ଦା ପରିଚାଳନା କରିଥିଲାବେଳେ ମନୋରଞ୍ଜନ ମେହେର ଧନ୍ୟବାଦ ଅର୍ପଣ କରିଥିଲେ।

**ପୁଣି ଜଣେ ୱାର୍ଡସଭ୍ୟଙ୍କ ଘରୁ ଚୋରି**

# ସୁନାଗହଣା ସହ ନଗଦଟଙ୍କା ଧରି ଦୁର୍ବୃତ୍ତ ଛୁ'

**କୋଲାବିରା, ୧୫।୩(ସମିସ)**

ପୁଲିସର ଢିଲା ପେଟ୍ରୋଲିଂ ଯୋଗୁ କୋଲାବିରା ଅଞ୍ଚଳରେ ଚୋରି ବୃଦ୍ଧି ପାଉଛି ବୋଲି ଜନସାଧାରଣ ଉଦ୍‌ବେଗ ପ୍ରକାଶ କରିଛନ୍ତି। କୋଲାବିରା ଥାନାଞ୍ଚଳରେ ଚୋରି ଥମିବାର ନାଁ ନେଉନାହିଁ। ନିୟମିତ ବ୍ୟବଧାନରେ ଚୋରି ହେଉଥିବାର ଅଭିଯୋଗ ହେଉଛି। ଏଥିରେ ଜଣାପଡୁଛି, ଚୋରଙ୍କ ସାହସ କେତେ ? ଆଉ ନାହିଁ ପୁଲିସ ପ୍ରତି ଭୟ।

କୋଲାବିରା ଥାନା ଅନ୍ତର୍ଗତ ସମାସିଂହା ଗ୍ରାମର କଲୋନୀ ପଡ଼ାରେ ଘର କରି ରହୁଥିବା ସମାସିଂହା ଗ୍ରାମର ୧୧ ନମ୍ବର ୱାର୍ଡସଭ୍ୟ ବିଷ୍ଣୁ ପ୍ରଧାନଙ୍କ ଘରୁ ୧୩ ତାରିଖ ବିଳମ୍ବିତ ରାତିରେ ଚୋରି ହୋଇଥିଲା ବେଳେ ଗତ ୧୪ ତାରିଖ ରାତିରେ ପୁଣି କୋଲାବିରା ଥାନା ଅନ୍ତର୍ଗତ ସମାସିଂହା ପଞ୍ଚାୟତର କୁଲିତା ସାମାସିଂହା ଉପରପଡ଼ାରେ ବସବାସ କରୁଥିବା ସମାସିଂହା ପଞ୍ଚାୟତର ୩ ନମ୍ବର ୱାର୍ଡସଭ୍ୟା ପଦ୍ମିନୀ ପାତ୍ରଙ୍କ ଘରୁ ଚୋରି ହୋଇଛି। ଚୋରମାନେ ଗହଣା ସହ ନଗଦ ଟଙ୍କା ଚୋରି କରିଥିବା କୋଲାବିରା





ଥାନାରେ ଅଭିଯୋଗ ହୋଇଛି।

ୱାର୍ଡସଭ୍ୟାଙ୍କ ଅନୁପସ୍ଥିତିରେ ତାଙ୍କ ସ୍ୱାମୀ ପଞ୍ଚାନନ ପାତ୍ର ଘରେ ଏକାକି ରହିଥିଲେ। ରାତି ପ୍ରାୟ ଦେଢଟା ସମୟରେ ୪-୫ ଜଣ ଯୁବକ ପ୍ରଥମେ ପାଚେରି ଗେଟର ଶିକୁଳିକୁ ଭାଙ୍ଗି ଘରଭିତରୁ ପଶିଥିଲେ। କୋଠରୀ ଗୁଡିକର କବାଟ ବାହାର ପଟୁ ବନ୍ଦ କରିଦେଇଥିଲେ। ତାଛଡା ଘରକୁ ପଶିବା ପୂର୍ବରୁ ବିଦ୍ୟୁତ୍ ସଂଯୋଗ ତାରକୁ ଟାଣି ଛିଣ୍ଡେଇ ଦେଇଥିଲେ। ଗେଟ ଭାଙ୍ଗିବା ଶବ୍ଦରେ ପଞ୍ଚାନନ ନିଦରୁ ଉଠିପଡ଼ି ଆସନ୍ନ ବିପଦର ଆଶଙ୍କା କରି ସିଡିଛାତ ଖୋଲି ଭୟରେ ଛାତ ଉପରକୁ ଉଠିଯାଇଥିଲେ। ମାତ୍ର ଅନ୍ଧାରରେ ଅନ୍ୟ କୋଠରୀର ତାଲା ଭାଙ୍ଗୁଥିବା ଦେଖିବାକୁ ପାଇ ଛାତ ଉପରେ ପଡ଼ିଥିବା ଲୁହାରଡ ଏବଂ ମେଟାଲ ପଥରରେ ଚୋର ମାନଙ୍କ ଉପରକୁ ଆକ୍ରମଣ କରିବା ସହ ସାହିପଡ଼ିଶାଙ୍କୁ ଡାକ ପକାଇଥିଲେ। ତାଙ୍କ ଆକ୍ରମଣରେ ଚୋରମାନଙ୍କ ମଧ୍ୟରୁ ଜଣେ ଆହତ ହୋଇଥିଲେ; କାରଣ ସକାଳୁ ରକ୍ତ ପଡ଼ିଥିବା ଦେଖିବାକୁ ମିଳିଥିଲା। ତେବେ ଚୋରମାନେ ଭୟରେ ଚାଲିଯିବା ପରିବର୍ତ୍ତେ କୋଠରୀର ତାଲା ଭାଙ୍ଗି ୨ଟି ବାକ୍ସ ନେଇ ଦୌଡି ଚମ୍ପଟ ମାରିଥିଲେ। ପଞ୍ଚାନନ ସାହସ କରି ଛାତରୁ ଓହ୍ଲାଇ ସେମାନଙ୍କୁ ଗୋଡାଇଥିଲେ ମଧ୍ୟ ସେମାନେ ସେଠାରୁ ଖସି ଚାଲି ଯାଇଥିଲେ। ବାକ୍ସ ଭିତରେ ରହିଥିବା ସୁନାର ଦୋଲଫୁଲ ୨ ଯୋଡା, ରୁପା ମାଲି ୨ଟି, ମୂଲ୍ୟବାନ ଶାଢି ୫ଖଣ୍ଡ, କଂସାର ବାସନ ଏବଂ ନଗଦ ୨୫ ହଜାର ଟଙ୍କା ସହ ଅନ୍ୟାନ୍ୟ ସାମଗ୍ରୀ ରହିଥିଲା। ସମସ୍ତ ଗହଣା ଗାଣ୍ଠି ଏବଂ ନଗଦ ଟଙ୍କା ଚୋରି ହୋଇଥିବା ନେଇ ପଞ୍ଚାନନ କୋଲାବିରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇ ପୁଲିସ ପକ୍ଷରୁ ତଦନ୍ତ ଆରମ୍ଭ କରାଯାଇଛି।

# ନିଖିଳ ଓଡ଼ିଶା ସମବାୟବିତ୍ ସଂଘ ପକ୍ଷରୁ ଦାବିପତ୍ର

**ଝାରସୁଗୁଡ଼ା, ୧୫।୩(ସମିସ):** ନିଖିଳ ଓଡ଼ିଶା ସମବାୟବିତ ସଂଘ ପକ୍ଷରୁ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରରେ ନିର୍ବାଚିତ ସଭାପତି, ଉପସଭାପତି ଓ ସଦସ୍ୟଙ୍କ ପାଇଁ ଭତ୍ତା ବ୍ୟବସ୍ଥାର ସମ୍ପର୍କରେ ଉଲ୍ଲେଖ କରାଯାଇଛି। ରାଜ୍ୟ ସରକାର ଗ୍ରାମପଞ୍ଚାୟତ ଓ ସହରାଞ୍ଚଳ ନିର୍ବାଚିତ ପ୍ରତିନିଧିଙ୍କ ଭତ୍ତା ବୃଦ୍ଧି କରିଥିବା ବେଳେ ପାକ୍ସ ପ୍ରତିନିଧିଙ୍କ ପାଇଁ କୌଣସି ବ୍ୟବସ୍ଥା କରିନାହାନ୍ତି। ଏ ସମ୍ପର୍କରେ ବିଚାର କରି ଭତ୍ତା ପ୍ରଦାନର ବ୍ୟବସ୍ଥା କରିବା ପାଇଁ ନିଖିଳ ଓଡ଼ିଶା ସମବାୟବିତ୍ ସଂଘ ଝାରସୁଗୁଡା ତରଫରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ସୁଚିତା ପୁଷ୍ପାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହି ସମୟରେ ସଂଘର ସଭାପତି ଜୟପ୍ରକାଶ କୁଅଁର, ସମ୍ପାଦକ ଏମଡି ରଫାକତ, ଫକୀର ନାଏକ, ଯୁଧିଷ୍ଠିର ସିଂ ଆଦିଙ୍କ ସମେତ ଅନେକ ସଦସ୍ୟ ଉପସ୍ଥିତ ଥିଲେ।



# ପୋଖରୀରୁ ମୃତଦେହ ଉଦ୍ଧାର

**ଝାରସୁଗୁଡ଼ା, ୧୫।୩(ସମିସ):** ଝାରସୁଗୁଡ଼ା ସଦର ଥାନା ଅନ୍ତର୍ଗତ ଏକାତାଲି ଝରସାହିପା ଚାନ୍ଦମାରିଠାରେ ପୋଖରୀରୁ ଜଣେ ଯୁବକର ମୃତଦେହ ଉଦ୍ଧାର କରିଛି ସଦର ପୁଲିସ। ମୃତକ ଜଣକ କବରସ୍ଥାନ ପଡ଼ାର ସୂରଜ ଦାସ (୨୫) ବୋଲି ଜଣାପଡିଛି। ସୂରଜ ଗତକାଲି ସନ୍ଧ୍ୟାରୁ ନିଖୋଜ ଥିବାବେଳେ ଶୁକ୍ରବାର ସକାଳୁ ତାଙ୍କ ମୃତଦେହ ପୋଖରୀରେ ଭାସୁଥିଲା। ସ୍ଥାନୀୟ ଲୋକେ ଦେଖି ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଶବ ଉଦ୍ଧାର କରି ତଦନ୍ତ ଚଳାଇଛି। ସୂରଜ କେମିତି ପାଣିରେ ବୁଡ଼ିଲେ ସେନେଇ ତଦନ୍ତ ଆରମ୍ଭ ଦେଇଛି ସଦର ପୁଲିସ।



# ବେଆଇନ କୋଇଲା ବୋଝେଇ ପିକ୍‌ଅପ ଭ୍ୟାନ୍ ଜବତ

**ବ୍ରଜରାଜନଗର, ୧୫।୩ (ସମିସ):** ବେଆଇନ ଭାବରେ ଧୂମହୀନ କୋଇଲା ଚାଲାଣ କରୁଥିବା ଏକ ପିକ୍‌ଅପ ଭ୍ୟାନକୁ ଜବତ କରିବା ସହ ପିକଅପ ଚାଳକ ବିରୋଧରେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ବ୍ରଜରାଜନଗର ପୁଲିସ ସବଇନ୍ସପେକ୍ଟର ମହେଶ୍ୱର ପାଣିଗ୍ରାହୀ ତାଙ୍କର ଟିମ ସହ ବୁଧବାର ସନ୍ଧ୍ୟାରେ ପାଟ୍ରୋଲିଂ କରିଥିବା ସମୟରେ ଏକ ପିକଅପ ଭ୍ୟାନ (ଓଡ଼ି ୨୩ ଏନ ୬୮୮୯) କୋଇଲା ବୋଝେଇ କରି ଗାନ୍ଧୀଛକ ପଟକୁ ଯାଉଥିଲା। ମଙ୍ଗଳାମନ୍ଦିର ନିକଟରେ ଅଟକାଇ ଏହାକୁ ଯାଞ୍ଚ କରିବା ସମୟରେ ୧୨ କେଜି ବିଶିଷ୍ଟ ୩ ଶହ ବସ୍ତା ଧୂମହୀନ କୋଇଲା ଧରାପଡ଼ିଥିଲା। ଗାଡିଚାଳକ ଇଏସଆଇ ଛକ ନିବାସୀ ଶେଖ ଜଲାଲୁଦ୍ଦିନ କୌଣସି କାଗଜପତ୍ର ଦେଖାଇ ପାରି ନଥିଲେ। ଏହାକୁ ନେଇ ପୁଲିସ ତଦନ୍ତ କରିବା ପରେ ଅଭିଯୁକ୍ତ ଲଜକୁରା କୋଇଲା ଖଣିରୁ କୋଇଲା ଆଣି ଡାକ୍ତର କଲୋନୀରେ ଅଧା ପୋଡ଼ାଯିବା ପରେ ଧୂମହୀନ କୋଇଲାକୁ ଅନ୍ୟ ସ୍ଥାନକୁ ଚାଲାଣ କରୁଥିବା ଜାଣିଥିଲେ। ପୁଲିସ ତରଫରୁ ପିକଅପ ଭ୍ୟାନ ସହ ଏକ ମୋବାଇଲ ଫୋନ, ତିନି ଶହ ବସ୍ତା ଧୂମହୀନ କୋଇଲା ଯାହାର ଓଜନ ପାଖାପାଖି ୫୪୯୦ କେଜି ଜବତ କରାଯାଇଛି। ବ୍ରଜରାଜନଗର ପୁଲିସ ତରଫରୁ ମାମଲା ରୁଜୁ କରାଯିବା ସହ ଅଧିକ ତଦନ୍ତ ଜାରି ରହିଛି।

**ନିଯୁକ୍ତି ଦାବିରେ ଅନଶନ, ଜଣେ ଅସୁସ୍ଥ**

# ଡାକ୍ତରଖାନାରେ ଅନଶନ ଜାରି

**ଝାରସୁଗୁଡ଼ା,୧୫ ।୩(ସମିସ):** ଏମସିଏଲରେ ଜମି ହରାଇଛି। ମୁଁ କୁଆଡ଼େ ଅନ୍ୟତ୍ର ଦାଦନ ଖଟି ଯିବିନାହିଁ। ମୁଁ କୌଣସି ଏମସିଏଲରେ ସ୍ଥାୟୀ ନିଯୁକ୍ତି ମାଗୁ ନାହିଁ। ଏମସିଏଲ ଦ୍ୱାରା ନିୟୋଜିତ ଠିକା କମ୍ପାନୀରେ ନିଯୁକ୍ତି ପାଇଁ ମୋର ହକ ଅଧିକାର ଅଛି। ବାରମ୍ବାର ଏମସିଏଲର ପ୍ରତିଶ୍ରୁତି ପରେ ଏଯାଏ ଠିକା କମ୍ପାନୀରେ ନିଯୁକ୍ତି ମିଳିନାହିଁ ବୋଲି ସଙ୍ଗୀନ ଅଭିଯୋଗ କରିଛନ୍ତି ଲଖନପୁର ବ୍ଲକ ରେଙ୍ଗାଲି ଗ୍ରାମର ଯୁବକ ଚନ୍ଦ୍ରମଣି ସାହୁ। ଏମସିଏଲ ଦ୍ୱାରା ନିୟୋଜିତ ଠିକା କମ୍ପାନୀରେ ନିଯୁକ୍ତି ଦାବିନେଇ ଜମିହରା କ୍ଷତିଗ୍ରସ୍ତ ପ୍ରଜା ଲଖନପୁର ବ୍ଲକ ରେଙ୍ଗାଲି ଗ୍ରାମର ଚନ୍ଦ୍ରମଣି ସାହୁ ଗୁରୁବାର ସକାଳୁ ଲଖନପୁର ଖଣିକ୍ଷେତ୍ର ଜିଏମଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନଶନ ଆନ୍ଦୋଳନରେ ବସିଥିଲେ। ଅପରାହ୍ଣ ପ୍ରାୟ ୪ଟାରେ ଡାକ୍ତରଙ୍କ ପରାମର୍ଶକ୍ରମେ ଅନଶନକାରୀ ଚନ୍ଦ୍ରମଣିଙ୍କୁ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିବା ବେଳେ ଡାକ୍ତରଖାନାରେ ମଧ୍ୟ ଅନଶନ ଜାରି ରଖିଥିବା ଜଣାପଡ଼ିଛି। ଚନ୍ଦ୍ରମଣିଙ୍କ ଅଭିଯୋଗ ମୁତାବକ, ଲଖନପୁର ଖଣି କ୍ଷେତ୍ର ଅଧୀନରେ



ଖଇରକୁନୀ ଗ୍ରାମର ତାଙ୍କର ମାତାଙ୍କ ସମ୍ପତ୍ତିର ଭାଗ ଆକାରରେ ରହିଥିବା ଖଇରକୁନି ମୌଜା ୫୯ ଓ ୧୯ ଖାତାରୁ ୪ ଏକର ୪୦ ଡେସିମିଲ ଜମି ସମେତ ତାଙ୍କ ବାପା ଛତ୍ରପତି ସାହୁଙ୍କ ୩୩ ଖାତାର ୨୦ ଡେସିମିଲ ଜମିକୁ ମଧ୍ୟ ଏମସିଏଲ ପକ୍ଷରୁ ଅଧିଗ୍ରହଣ କରାଯାଇଛି। ଏଯାଏ ତାଙ୍କ କ୍ଷତିପୂରଣ ରାଶି ତହସିଲରେ ଜମା ରହିଛି। ଗତ ୨୦୨୩ ଜାନୁୟାରୀ ୮ ତାରିଖ ତାଙ୍କର ଜମିରେ ଖନନ କାର୍ଯ୍ୟ ଆରମ୍ଭ ସମୟରେ ସପରିବାର ବିରୋଧ କରିବାରୁ ମହାଲକ୍ଷ୍ମୀ ଠିକା କମ୍ପାନୀରେ ନିଯୁକ୍ତି ଦେବାକୁ ଦେଇଥିବା ପ୍ରତିଶ୍ରୁତି ମୁତାବକ ଅନଶନରେ ବସିଥିଲେ। ସମାଧାନ ପାଇଁ ଲଖନପୁର ଖଣି ଏପିଏମ୍ ପ୍ରଦୀପ କୁମାର ଶୁଣ୍ଠି ଓ ଲଖନପୁର ମ୍ୟାନେଜର ପର୍ସନାଲ ଗଙ୍ଗାଧର ପଲି ପ୍ରମୁଖ ମହାଲକ୍ଷ୍ମୀ ଠିକା କମ୍ପାନୀ ବ୍ୟତୀତ ଅନ୍ୟ କମ୍ପାନୀରେ ନିଯୁକ୍ତି ଦେବାକୁ ଦୃଢ଼ ପ୍ରତିଶ୍ରୁତି ଦେଇଥିଲେ। ମାତ୍ର ଅନଶନକାରୀ ମହାଲକ୍ଷ୍ମୀ ଠିକା କମ୍ପାନୀ ବ୍ୟତୀତ ଅନ୍ୟ କୌଣସିରେ କାମ କରିବେ ନାହିଁ ବୋଲି କହି ତାଙ୍କ ଦାବିରେ ଅଟଳ ରହିଥିବା ଜଣାପଡିଛି।

# କଳାବ୍ୟାଜ୍ ପିନ୍ଧି ସାମ୍ବାଦିକଙ୍କ ଧାରଣା, ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

**ଝାରସୁଗୁଡା, ୧୫ ।୩(ସମିସ):** ଝାରସୁଗୁଡା ଜିଲ୍ଲା ସାମ୍ବାଦିକ ୟୁନିଅନ (ଯେଡିୟୁଜେ) ପକ୍ଷରୁ ପେନସନ ଓ ପ୍ରୋଟେକ୍ସନ ଦାବିରେ ଶୁକ୍ରବାର ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ କଳାବ୍ୟାଜ ପିନ୍ଧି ବିରୋଧ ପ୍ରଦର୍ଶନ କରାଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ସଂଘ ରାଜ୍ୟ ସଭାପତି ପ୍ରସନ୍ନ ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଝାରସୁଗୁଡା ୟୁନିଅନ ସଭାପତି ରିତେଶ ଶର୍ମାଙ୍କ ନେତୃତ୍ୱରେ ସଦସ୍ୟମାନେ କଳାବ୍ୟାଜ ପିନ୍ଧି ବିଭିନ୍ନ ସ୍ଲୋଗାନ ଦେଇ ରାଲି କରିଥିଲେ ଏବଂ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ଧାରଣା ଦେଇଥିଲେ। ପରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟର ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ସୂଚୀତା ପୁଷ୍ପାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ସମ୍ପାଦକ ତ୍ରିଲୋଚନ ଦାସ ସଙ୍ଘ କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ସାଏ ଯୁଗ୍ମ ସମ୍ପାଦକ ପ୍ରକାଶ ପଧାନ, ଡିଲେଶ୍ୱର ବାଗ, ବିଜୟ ବରାଡ଼ କୋଷାଧକ୍ଷ ସଞ୍ଜୟ ପାଣିଗ୍ରାହୀ, ଉପଦେଷ୍ଟା ଜୀବନ ମହାନ୍ତି, ଉପନ ଚରଣ ସାହୁ, ସୁକାନ୍ତ ସାହୁ, ଭାଗୀରଥି ସାହୁ, ବିରଞ୍ଚି ସ୍ୱାଇଁ, ଅଜୟ ଶର୍ମା, କୁଞ୍ଜବିହାରୀ ପଟେଲ, ବିଜୟ ସାହୁ, ବିକ୍ରମ ମହାପାତ୍ର, ସଜ୍ଜାଦ ବାଦଶାହ, ଜିତେନ୍ଦ୍ର ଦେବତା, ଢ଼ୋଲେଶ୍ୱର ପ୍ରଧାନ, ଆଶ୍ମିତ ସାହୁ, ସଞ୍ଜୟ ବାହୁବଳେନ୍ଦ୍ର, ପପୁ ରୋହିଦାସ, ଜିତେନ୍ଦ୍ର ସାହୁଙ୍କ ସମେତ ଅନେକ ସାମ୍ବାଦିକ ଯୋଗ ଦେଇଥିଲେ। ସଙ୍ଘ ସମ୍ପାଦକ ଆର୍ତ୍ତତ୍ରାଣ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।




# ଜଙ୍ଗଲ ନିଆଁ ସମ୍ପର୍କିତ ସଚେତନତା ଶୋଭାଯାତ୍ରା



**ଝାରସୁଗୁଡ଼ା, ୧୫।୩ (ସମିସ):** ଝାରସୁଗୁଡା ବନଖଣ୍ଡ ବେଲପାହାଡ଼ ବନାଞ୍ଚଳ ବାଘମୁଣ୍ଡା ଫରେଷ୍ଟ ସେକ୍ସନ ଅଞ୍ଚଳରେ ବନବିଭାଗ ପକ୍ଷରୁ ଜଙ୍ଗଲ ନିଆଁ ପ୍ରଶମନ ସମ୍ପର୍କିତ ସଚେତନତା କର୍ମଶାଳା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସାଗରପାଲି, ଠେବରା, ଭଅଁରଖୋଲ, ସିଂହାରପୁର, ବାଘମୁଣ୍ଡା, ବିରିହିମୁଡା, ପରି ବାଘମୁଣ୍ଡା ଫରେଷ୍ଟ ସେକ୍ସନ ଅଞ୍ଚଳର ସମସ୍ତ ଗ୍ରାମରେ ଏହି କର୍ମଶାଳା ଅନୁଷ୍ଠିତ ହୋଇଛି। ବନ ବିଭାଗ ପକ୍ଷରୁ ଡୋଳାମଣି ନାଏକ, ସୁରେନ୍ଦ୍ର ଖମାରୀ ଓ କର୍ମଚାରୀମାନେ ଜଙ୍ଗଲ ନିଆଁର ଭୟାବହତା ଏବଂ ଏହାକୁ କିପରି ରୋକି ହେବ ସେନେଇ ଲୋକଙ୍କୁ ସଚେତନ କରିଛନ୍ତି। ଖରାଦିନେ ମହୁଲ, ଚାର, ଶାଳ ମଞ୍ଜି ପରି ବନଜାତ ଦ୍ରବ୍ୟ ସଂଗ୍ରହ ପାଇଁ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦିଅନ୍ତି। ଯାହାଫଳରେ ଲକ୍ଷଲକ୍ଷ ଗଛ ଜଳି ପୋଡି ପାଉଁଶ ହୋଇଯାଏ। ପରିବେଶ ପ୍ରଦୂଷିତ ହେବା ସହ ବନ୍ୟଜନ୍ତୁମାନେ ମୃତ୍ୟୁମୁଖରେ ପଡ଼ନ୍ତି। ଯାହା ପ୍ରକୃତି ପାଇଁ ହାନିକାରକ ହେବାସହ ଜଙ୍ଗଲ ନିକଟବର୍ତ୍ତୀ ଗ୍ରାମ ପାଇଁ ଅଧିକ ବିପଦଜନକ। ତେଣୁ ଜଙ୍ଗଲରେ ଖରାଦିନେ ବ୍ୟାପୁଥିବା ନିଆଁକୁ ମିଳିମିଶି ରୋକିବାକୁ ପଡିବ। ଜଙ୍ଗଲରେ ନିଆଁ ନଲଗାଇବା, ନିଆଁଲାଗିଥିଲେ ତୁରନ୍ତ ଅଗ୍ନିଶମ ବିଭାଗ ଓ ବନ ବିଭାଗକୁ ଖବର ଦେବା ପାଇଁ ଲୋକଙ୍କୁ ସଚେତନ କରିଛି ବନ ବିଭାଗ।

# ଯୁକ୍ତତିନି ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର

**ବ୍ରଜରାଜନଗର, ୧୫।୩ (ସମିସ):** ବ୍ରଜରାଜନଗର ମହାବିଦ୍ୟାଳୟରେ ଶୁକ୍ରବାର ଯୁକ୍ତତିନି ଛାତ୍ରୀଙ୍କ ପାଇଁ ଆତ୍ମସୁରକ୍ଷା ତାଲିମ ଶିବିର ମହାବିଦ୍ୟାଳୟରେ ଉଦଘାଟିତ ହୋଇଯାଇଛି। ବ୍ରଜରାଜନଗର ମହାବିଦ୍ୟାଳୟ ଆତ୍ମରକ୍ଷା କ୍ଲବ ସଂଯୋଜିକା ଅଧ୍ୟାପିକା ପୁଷ୍ପାଞ୍ଜଳି ସାହୁଙ୍କ ସଭାପତିତ୍ୱ ତଥା ମାର୍ଗଦର୍ଶନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟ ଅଧକ୍ଷ ସମୀର ରଞ୍ଜନ ନାୟକ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। କ୍ଲବ ସହସଂଯୋଜକ ଆଶିଷ ଅୱସ୍ତୀ, ଅଧ୍ୟାପିକା ସଂଗୀତା ସାହୁ, ସୁନିତା ମାଇତି, କ୍ରୀଡ଼ା ଶିକ୍ଷକ ଶ୍ୱେତା ସାହାଣୀ ତଥା ଏହି ଶିବିରର ମୁଖ୍ୟ ପ୍ରଶିକ୍ଷିକା ମାଷ୍ଟର ଟ୍ରେନର ନିତୁ ମନହର ସମେତ ବହୁ ସଂଖ୍ୟାରେ ଯୁକ୍ତ ତିନି ଛାତ୍ରୀ ଉପସ୍ଥିତ ଥିଲେ। ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ତରଫରୁ ମହାବିଦ୍ୟାଳୟରେ ଯୁକ୍ତ ତିନି ପ୍ରଥମ ବର୍ଷରେ ପଢୁଥିବା ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ପ୍ରଦାନ କରିବା ପାଇଁ ପ୍ରଥମ ଥର ସେଲ୍ଫ୍ ଡିଫେନ୍ସ କ୍ଲବ ଗଠନ କରାଯାଇ ଏପରି ତାଲିମ ବ୍ୟବସ୍ଥା କରାଯାଇଛି। ୨୦ ଦିନିଆ ଏହି ଶିବିରରେ ଛାତ୍ରୀଙ୍କୁ ଆତ୍ମସୁରକ୍ଷା ତାଲିମ ସହ ବିଭିନ୍ନ ପ୍ରକାର ତାଲିମ ବ୍ୟବସ୍ଥା କରାଯାଇଛି।




# ଲଖନପୁର ନାଗରିକ ପରିଷଦ ବୈଠକ

**ଝାରସୁଗୁଡ଼ା,୧୫ ।୩(ସମିସ):** ଲଖନପୁର ବେହେରାଗୁଡ଼ା ଡାକ ବଙ୍ଗଳାରେ ଲଖନପୁର ନାଗରିକ ପରିଷଦ ତରଫ ବେଣୁଧର ଭୋଇଙ୍କ ସଭାପତିତ୍ୱରେ ଏକ ବୈଠକ ହୋଇଥିଲା। ଲଖନପୁର ନାଗରିକ ପରିଷଦର ଏକ ସକ୍ରିୟ ସଦସ୍ୟ ଥିଲେ ଚାରପାଲି ଗ୍ରାମର ପୂର୍ବତନ ସମିତିସଭ୍ୟ ରାଜକୁମାର ଭୋଇଙ୍କ ବିୟୋଗରେ ନିରବ ପ୍ରାର୍ଥନା କରାଯାଇଥିଲା। ସେହିପରି ବିଜେଡିର ରାଜ୍ୟ ଉପସଭାପତି ପ୍ରସନ ଆଚାର୍ଯ୍ୟଙ୍କ ଆରୋଗ୍ୟ କାମନା କରାଯାଇଥିଲା। ଅଧିକାର ପଦଯାତ୍ରାର କିଛି ଫଳାଫଳ ନ ମିଳିଥିବାରୁ ପରିଷଦ ଭୋଟ୍ ବର୍ଜନ ପାଇଁ ନିଷ୍ପତ୍ତି ନେଇଛି। ପିତାମ୍ବର ମିଶ୍ର, ଝୁମେରଲାଲ ହାତୀ, କିଶୋର ପଧାନ, ପୁରୁଷୋତ୍ତମ ଜୟସ୍ୱାଲ, କ୍ଷୀରବତୀ ସାହୁ, ଦୟାନିଧି ମେହେର, ଅଶୋକ ସାହୁ, ଜଗବନ୍ଧୁ ସା, ରଘୁ ପଣ୍ଡା, ଜଗଦୀଶ ପ୍ରଧାନ, ସୁବଳ ଲୁହା, ବୃନ୍ଦାବନ ପଧାନ, ରିଙ୍କୁ ପ୍ରଧାନ, ବିକ୍ରମ ବେହେରା ଯୋଗ ଦେଇଥିଲେ।



**ଉଦ୍ୟୋଗୀ ହେଲେ ସାଧାରଣ ଚାଷୀ**

# ଆର୍ଥିକ ସ୍ଥିତି ବଦଳାଇ ଦେଲା ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା

**ଦେବଗଡ଼, ୧୫।୩(ସମିସ)**

ମୁଖ୍ୟମନ୍ତ୍ରୀଙ୍କ କୃଷି ଉଦ୍ୟୋଗ ଯୋଜନାରେ ବ୍ୟାଙ୍କ ଋଣ ସହାୟତାରେ ସମନ୍ୱିତ କୃଷି ପ୍ରଣାଳୀରେ ଚାଷକରି ଜଣେ ସାଧାରଣ ଚାଷୀ ଆଜି ନିଜକୁ ଉଦ୍ୟୋଗୀ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଏହାସହ ଅନ୍ୟ ପାଇଁ ପ୍ରେରଣା ସାଜିଛନ୍ତି ରିଆମାଳ ବ୍ଲକ ଲୁଲଙ୍ଗ ପଞ୍ଚାୟତ ଶିମିଳିତା ଗାଁର ଚାଷୀ ଯୁଧିଷ୍ଠିର ପ୍ରଧାନ। ଜନସେବା ପାଇଁ ଅଞ୍ଚଳରେ ନିଜ ଲୋକପ୍ରିୟତା କାରଣରୁ ଏକାଧିକ ଭାବେ ସରପଞ୍ଚ ପଦରେ ଥାଇ ଗାଁର ଉନ୍ନତି ପାଇଁ କାର୍ଯ୍ୟ କରି ଆସୁଥିବା ଯୁଧିଷ୍ଠିର କିନ୍ତୁ ନିଜ କୌଳିକ ବୃତ୍ତି ଚାଷକୁ ଛାଡି ପାରିନାହାନ୍ତି। ପୈତୃକ ଜମିରେ ପୂର୍ବରୁ କେବଳ ଧାନ, ମୁଗ, ବିରି ଚାଷରେ ସୀମିତ ଥିବା ବେଳେ ନିଜର ପ୍ରାୟ ୨୨ ଏକର ଜମିକୁ ଉଚିତ ବ୍ୟବହାର କରି ଅଧିକ ରୋଜଗାର ଆଶାରେ ଗତ ବର୍ଷ ଦେବଗଡ଼ସ୍ଥିତ ଇଣ୍ଡିଆନ ବ୍ୟାଙ୍କରୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ସମନ୍ୱିତ କୃଷି ଉଦେଶ୍ୟରେ ୭୬ ଲକ୍ଷ ଟଙ୍କା ଋଣ କରିଥିଲେ। ସେହି ଟଙ୍କାରେ ଶ୍ରୀ ପ୍ରଧାନ ସମନ୍ୱିତ କୃଷି ଫାର୍ମ ନିର୍ମାଣ କରି ଗୋ ପାଳନ, ବତକ ପାଳନ, ମାଛ ଚାଷ,ମାଛ ଜାଆଁଳ ଉତ୍ପାଦନ, ଓ ଜିଆ ଖତ ଆଦି ପ୍ରସ୍ତୁତ କରିବା ସହ କଦଳୀ, ଧାନ, ମୁଗ, ବିରି ସହ ଡାଲି ଜାତୀୟ ଫସଲ କରି ଭଲ ରୋଜଗାର କରିବା ସହ ପ୍ରାୟ ୧୫ ଶ୍ରମିକଙ୍କୁ ସ୍ଥାୟୀ ନିଯୁକ୍ତି ଦେଇ ପାରିଛନ୍ତି। ୨୦ଟି ଦୁଧିଆଳୀ ଗାଈରୁ ଦୈନିକ ୧୨୦ରୁ ୧୩୦ ଲିଟର ଦୁଗ୍ଧ ଉତ୍ପାଦନ କରି ଓମ୍ଫେଡ ସଂସ୍ଥାକୁ ଯୋଗାଉଥିବା ବେଳେ ୫୦୦ ବତକ, ୮ଟି ପୋଖରୀରେ ମାଛ ଚାଷ, ଗାଈଙ୍କ ଖତଆଦିରୁ ଜୈବିକ କମ୍ପୋଷ୍ଟ ପ୍ରସ୍ତୁତ କରି ବାର୍ଷିକ ୧୦ ଲକ୍ଷ ଲାଭ କରୁଥିବା ଶ୍ରୀ ପ୍ରଧାନ ପ୍ରକାଶ କରିଛନ୍ତି। ଏଥିସହ ୭୦-୮୦ ଛେଳି ଓ ୨୦ ଘୁଷୁରୀକୁ ନିଜ ସମନ୍ୱିତ କୃଷି ଉଦ୍ୟୋଗରେ ପରୀକ୍ଷାମୂଳକ ଭାବେ ସାମିଲ କରିଥିବା ପ୍ରକାଶ କରିଛନ୍ତି। ଶ୍ରୀ ପ୍ରଧାନଙ୍କ ଏଭଳି ଉଦ୍ୟମକୁ ଦେଖି ଆଖପାଖ ଅଞ୍ଚଳର ବହୁ ଆଦିବାସୀ ପରିବାର ନିଜନିଜ ଜମିରେ ସମନ୍ୱିତ କୃଷି ଆରମ୍ଭ କରିଥିବା ଦେଖିବାକୁ ମିଳିଛି। ଶ୍ରୀ ପ୍ରଧାନଙ୍କ ସମନ୍ୱିତ କୃଷି ଫାର୍ମର ସଫଳତା ପରେ କୃଷି, ମତ୍ସ୍ୟ, ପଶୁ ସମ୍ପଦ ବିଭାଗ ପକ୍ଷରୁ ସରକାରୀ ସବସିଡି ଯୋଗାଇ ଦିଆଯାଉଥିବାରୁ ସେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାକୁ ପ୍ରଶଂସା କରିଛନ୍ତି। ସେହିପରି ଏହି ସମନ୍ୱିତ କୃଷି ଫାର୍ମରେ ଶ୍ରୀ ପ୍ରଧାନ ନିଜେ ମାଟି, କାଦୁଅ, ଗୋବରରେ ପରିଶ୍ରମ କରିବା ସହ ନିଜ ଦୁଇ ଶିକ୍ଷିତ ସନ୍ତାନଙ୍କୁ ମଧ୍ୟ ନିୟୋଜିତ କରିଛନ୍ତି। ସେହିପରି ଶ୍ରୀ ପ୍ରଧାନ ଅଞ୍ଚଳର ଯୁବ ଗୋଷ୍ଠୀଙ୍କୁ ନିଜନିଜ ଜମିରେ ସମନ୍ୱିତ କୃଷି କରି ଆତ୍ମ ସ୍ୱାବଲମ୍ବୀ ହେବାକୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାର ଲାଭ ନେବାକୁ ଆହ୍ୱାନ ଦେଇଛନ୍ତି।






**ତାପମାତ୍ରା ବୃଦ୍ଧି ଓ ଜଳକଷ୍ଟ**

# ଜଳଛତ୍ର ଖୋଲିବା ସହ ଜଳ ପ୍ରକଳ୍ପ ମରାମତି ଦାବି

**ସମ୍ବଲପୁର, ୧୫।୩(ସମିସ)**

ଚଳିତ ବର୍ଷ ମାର୍ଚ୍ଚ ମାସରୁ ଗ୍ରାମାଞ୍ଚଳ ଓ ସହରରେ ତାପମାତ୍ରା ବୃଦ୍ଧି ପାଇଛି। ଦିନ ବେଳେ ଗରମ ଅନୁଭୂତ ହେଉଥିଲା ବେଳେ ଟାଣ ଖରା ମଧ୍ୟ ହେଉଛି। ଜନଜୀବନକୁ ଅସ୍ତବ୍ୟସ୍ତ କରି ପକାଇଲାଣି। ବାହାରକୁ ବାହାରିବାରେ ଲୋକମାନେ ଏବେଠାରୁ ଚିନ୍ତା କରୁଛନ୍ତି। ସମସ୍ତଙ୍କ ମୁହଁରେ ଚଳିତ ବର୍ଷ ତାପାମାତ୍ରା ରେକର୍ଡ ଭାଙ୍ଗିବ ବୋଲି ଚର୍ଚ୍ଚା। ଲୋକମାନଙ୍କ ଜୀବନଜୀବିକାରେ ପ୍ରଭାବିତ ହେବ ବୋଲି କହୁଛନ୍ତି। ଦିନବେଳେ ତାପମାତ୍ରା ସେତିକି ମାତ୍ରାରେ ବୃଦ୍ଧି ହୋଇ ନଥିବା ବେଳେ ଗୁଳଗୁଳିରେ ଲୋକେ ଅସହ୍ୟ ହୋଇପଡୁଛନ୍ତି। ରାତିରେ ଥଣ୍ଡା ପବନ କିଛିଟା ଆଶ୍ୱସ୍ତି ଦେଉଛି। ହେଲେ ସମ୍ବଲପୁର ମହାନଗର ନିଗମ (ଏସ୍‌ଏମ୍‌ସି) ପକ୍ଷରୁ ଚଳିତ ବର୍ଷ ଜଳଛତ୍ର ଖୋଲାଯାଉ ନାହିଁ। ଏହାସହ ବିଭିନ୍ନ ଛକରେ ଥିବା ଟେଣ୍ଟପୋଷ୍ଟ, ଅମୃତ ଧାରା ପ୍ରକଳ୍ପ ଗୁଡିକ ଅଚଳ ହୋଇପଡ଼ିଛି। ଆଗକୁ ଖରା ଥିବାରୁ ଏଗୁଡିକ ମରାମତି କରିବାକୁ ସାଧାରଣରେ ଦାବି ହେଉଛି। ଏସ୍‌ଏମ୍‌ସି ପକ୍ଷରୁ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ପ୍ରତି ଗୁରୁତ୍ୱ ଦେଇ ସେମାନେ ସୁରକ୍ଷିତ ରହିପାରିବ ସେ



ନେଇ ପଦକ୍ଷେପ ଗ୍ରହଣ କରାଯାଉ। ବିଗତବର୍ଷ ଭଳିଆ ବିଭିନ୍ନ ସେଚ୍ଛାସେବୀ ସଂଗଠନ ପକ୍ଷରୁ ମଧ୍ୟ ପାନୀୟ ଜଳ ଯୋଗାଣ ଦିଗରେ ପଦକ୍ଷେପ ଗ୍ରହଣ କରନ୍ତୁ। ଯାହାଫଳରେ ଖରାରେ ଯାତ୍ରୀ ଓ ପଶୁପକ୍ଷୀ ମଧ୍ୟ ସୁବିଧାରେ ଜଳ ପାଇପାରିବେ ବୋଲି ଦାବି ହେଉଛି। ଅନ୍ୟପଟେ ଖରା ସମୟରେ ମଧ୍ୟ ନିଜର ସୁବିଧା ଦୃଷ୍ଟିରୁ ବିଭିନ୍ନ କୋଠା ବାଡି ନିର୍ମାଣ, ରାସ୍ତା ନିର୍ମାଣ, ଘରୋଇ କାମ, କମ୍ପାନୀ ଗୁଡିକରେ ମାଲିକ ଓ ଠିକାଦାର ଏହି ସମୟରେ କର୍ମଚାରୀ ଓ ଶ୍ରମିକ ମାନଙ୍କୁ କାମ କରାଇବାକୁ ବାଧ୍ୟ କରୁଛନ୍ତି। ଗତ ବର୍ଷ ମାର୍ଚ୍ଚ ମାସରେ ଏସ୍‌ଓଏପି ଆସିଯାଇଥିଲା। ହେଲେ ଚଳିତବର୍ଷ ଏପର୍ଯ୍ୟନ୍ତ ଆସିପାରି ନାହିଁ। ଅନ୍ୟପକ୍ଷରେ ଗତବର୍ଷ ଜଳଛତ୍ର ଖୋଲିବାକୁ ବିଭିନ୍ନ ସେଚ୍ଛାସେବୀଙ୍କୁ ଏସଏମସି ପାଖରେ ଅଭିଯୋଗ କରିସାରିଛନ୍ତି। ସମସ୍ୟା ନ ହେବ ବୋଲି ଜଳଛତ୍ର ପାଇଁ ଏସଏମସି ଟେଣ୍ଡର ପକ୍ରିୟାରେ ଜଳଛତ୍ର ଖୋଲିବାକୁ ଦେଉଛି। ହେଲେ ପାଇଥିବା ଠିକା ସଂସ୍ଥା ସଠିକ ସ୍ଥାନରେ ଓ ଟେଣ୍ଡରେ ଥିବା ଜଳ ଛତ୍ର ସଂଖ୍ୟାଠାରୁ କମ ସ୍ଥାନରେ ଖୋଲୁଥିବା ଗତ ବର୍ଷ ଅଭିଯୋଗ ହେଉଥିଲା। ଚଳିତ ବର୍ଷ ଏସଏମସି ଦୃଷ୍ଟି ଦେବାକୁ ଅନୁରୋଧ ହେଉଛି। ଏବେ ଦିନକୁ ଦିନ ତାପମାତ୍ରା ଆହୁରି ବୃଦ୍ଧି ପାଇ ଚାଲିବ। ଏସ୍‌ଏମ୍‌ସି ପ୍ରସ୍ତୁତି ଆରମ୍ଭ କରି ନଥିବା ଜଣାପଡ଼ିଛି। ଗ୍ରୀଷ୍ମ ପ୍ରବାହରେ ଛାତ୍ରଛାତ୍ରୀଙ୍କ ମଧ୍ୟ ସୁରକ୍ଷିତ ପାଠପଢ଼ା ଏକ ଚିନ୍ତାର ବିଷୟ ହୋଇଛି। କେତେକ ସ୍କୁଲରେ ପରୀକ୍ଷା ଚାଲିଥିବା ବେଳେ କେତେକ ସ୍କୁଲ ପ୍ରଥମରୁ ୫ ଶ୍ରେଣୀ ଛାତ୍ରଛାତ୍ରୀଙ୍କୁ ଘରୋଇ ସ୍କୁଲ ଗୁଡିକ ଛୁଟି ଦେଇଛନ୍ତି। ଆସନ୍ତା ୨୦ ତାରିଖ ଠାରୁ ମଧ୍ୟ ପ୍ରାୟ ସମସ୍ତ ସ୍କୁଲରେ ପୁଣି ପାଠ ପଢ଼ା ଆରମ୍ଭ ହୋଇଯିବ।

# ମାଟ୍ରିକ୍ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ



**ସମ୍ବଲପୁର, ୧୫।୩(ସମିସ):** ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟରେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆଜିଠାରୁ ଆରମ୍ଭ ହୋଇଯାଇଛି। ଏହି ଅବସରରେ ଗତକାଲି ମୂଲ୍ୟାୟନ କେନ୍ଦ୍ରରେ ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଙ୍ଗଳଙ୍କ ଅଧ୍ୟକ୍ଷତାରେ ସମସ୍ତ ଆଠଟି ୟୁନିଟର ମୁଖ୍ୟ ପରୀକ୍ଷକ ଓ ଉପମୁଖ୍ୟ ପରୀକ୍ଷକଙ୍କ ଏକ ବୈଠକ ହୋଇଥିଲା। ଏହି ଅବସରରେ ଜିଲ୍ଲା ଶିକ୍ଷା ଅଧିକାରୀ ସ୍ୱଚ୍ଛ ଓ ତ୍ରୁଟିଶୂନ୍ୟ ପରୀକ୍ଷାଖାତା ମୂଲ୍ୟାୟନ ପାଇଁ ଉପସ୍ଥିତ ସମସ୍ତ ପରୀକ୍ଷକମାନଙ୍କ ସହଯୋଗ କାମନା କରିଥିଲେ। ଆଜିଠାରୁ ସମସ୍ତ ୟୁନିଟ୍ ପାଇଁ ୯ ଜଣ ମୁଖ୍ୟ ପରୀକ୍ଷକ, ୧୮ଜଣ ଉପ ମୁଖ୍ୟପରୀକ୍ଷକ, ୧୯୬ଜଣ ସହକାରୀ ପରୀକ୍ଷକ, ୨୬ଜଣ ସ୍କୃଟିନାଇଜର ନିଯୁକ୍ତ ହୋଇଛନ୍ତି। ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାଧ୍ୟମିକ ଶିକ୍ଷା ପରିଷଦ ପକ୍ଷରୁ କେମ୍ପ୍ ଅଫିସର୍ ଭାବରେ ସୁଭାଶିଷ ସରକାର ଓ କେମ୍ପ୍ ନିରୀକ୍ଷକ ଭାବେ ଲେଡିଲୁଇସ୍ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁଜିତ ଲୁହା ଦାୟିତ୍ୱ ତୁଲାଉଛନ୍ତି। ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ପରୀକ୍ଷା ବିଭାଗ ଦାୟିତ୍ୱରେ ଥିବା ଅଫିସ୍ ସହକାରୀ ସନ୍ତୋଷ କୁମାର ମହାପାତ୍ରଙ୍କ ସହଯୋଗରେ ଶାନ୍ତିଶୃଙ୍ଖଳା ସହିତ ମୂଲ୍ୟାୟନ କେନ୍ଦ୍ର ପରିଚାଳିତ ହେଉଛି।

# ଛୁରି ମାଡ଼ କରି ବାଇକ ଲୁଟ୍: ୨ ଗିରଫ



**ସମ୍ବଲପୁର, ୧୫।୩(ସମିସ):** ଗତ ୭ ତାରିଖରେ ମୁଦିପଡ଼ାର କୁରେଶ ରାଓଙ୍କୁ ୪ ଜଣ ଯୁବକ ଛୁରୀରେ ଆକ୍ରମଣ କରି ଗାଡି ମୋବାଇଲ ଲୁଟ କରିନେଇଥିବା ଅଭିଯୋଗରେ ବରେଇପାଲି ପୁଲିସ ଦୁଇ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚେରୁଆପଡ଼ାର ସାଗର ସ୍ୱାଇଁ ଓ ଷ୍ଟେସନପଡ଼ାର ଅଜୟ ବେହେରା। ସେମାନଙ୍କ ପାଖରୁ ପୁଲିସ ଏକ ବାଇକ ଓ ମୋବାଇଲ ଜବତ କରିଛି। ଅଭିଯୁକ୍ତ ଦ୍ୱୟଙ୍କୁ ବରେଇପାଲି ପୁଲିସ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସଂପୃକ୍ତ ଥିବା ମୋତିଝରଣର ଆଲମ ଓ ଠେଲକୋପଡ଼ାର ବିକାସ କାନସରି ଫେରାର ଥିବା ପୁଲିସ ସୂଚନା ଦେଇଛି। ପ୍ରକାଶ ଥାଉକି ଗତ ୭ ତାରିଖ କୁରେଶ ଓ ସାଙ୍ଗ ସୁଜିତ୍ ସହ ଏକ ଢାବାକୁ ଯାଇଥିଲେ। ସେଠାରେ ସୁଜିତର ସାଙ୍ଗ ଆଲମ, ସାଗର ଓ ଅଜୟ ସହ ଦେଖା ହୋଇଥିଲା। କିଛି ସମୟ ପରେ ଢାବା ନିକଟରୁ ସୁଜିତ ଅନ୍ୟତ୍ର ଯାଇଥିଲେ। ସୁଜିତ ସେଠାରୁ ଗଲାପରେ ସେମାନଙ୍କ ମଧ୍ୟରୁ ଆଲମ ଓ ସାଗର, କୁରେଶ ସହ କଥା ବାର୍ତ୍ତା ହୋଇ ବନ୍ଧୁତା କରିବା ପାଇଁ ଚେଷ୍ଟା କରିଥିଲେ। ପରେ ସାଙ୍ଗ ହୋଇ କୁରେଶର ବାଇକରେ ଯିବା ପାଇଁ କହିଥିଲେ। ସେପଟେ ଅଜୟ ଓ ବିକାସ ବାଟରେ ଛକି ବସିଥିଲେ। ସୁଯୋଗ ଦେଖି ବାଇକକୁ ଅଟକାଇ ଚାରିଜଣ ସୁଜିତକୁ ଲୁଟ କରିବାପାଇଁ ଚେଷ୍ଟା କରିଥିଲେ। କୁରେଶ କିଛି ଦେବା ପାଇଁ ମନା କରିବାରୁ ତାଉପରେ ଛୁରୀ ମାଡ କରି ଏକ ମୋବାଇଲ ଓ ବାଇକ ଛଡାଇନେଇ ଫେରାର ହୋଇ ଯାଇଥିଲେ।

# ଯୌନ ଉତ୍ପୀଡ଼ନ ସଚେତନତା କର୍ମଶାଳା




**ସମ୍ବଲପୁର, ୧୫।୩(ସମିସ):** ଜିଲ୍ଲା ପ୍ରଶାସନ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ଜିଲ୍ଲା ସମ୍ମିଳନୀ କକ୍ଷରେ କାର୍ଯ୍ୟକ୍ଷେତ୍ରରେ ମହିଳାମାନେ ଯୌନ ଉତ୍ପୀଡ଼ନର ସଚେତନାତ ଉପରେ କର୍ମଶାଳା ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମାଜ କଲ୍ୟାଣ ଅଧୀକାରିଣୀ ଝୁନୁ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ କଲ୍ୟାଣ ସମିତି ଅଧ୍ୟକ୍ଷ ପ୍ରଶାନ୍ତ ପାଢ଼ୀ, ଜିଲ୍ଲା ଆଇନ୍ ସେବା ପ୍ରାଧୀକରଣର ଦୁଷ୍ମନ୍ତ ବେହେରା, ଆଇନଜୀବୀ ପୁଷ୍ପା ମହାପାତ୍ର, ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ, ଜିଲ୍ଲା ପୁଲିସ ଅଧିକାରୀ ପ୍ରମୁଖ ଅତିଥି ରୂପେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ଷେତ୍ରରେ ମହିଳା ଶ୍ରମଜୀବୀଙ୍କ ପ୍ରତି ହେଉଥିବା ଯୌନ ଉତ୍ପୀଡ଼ନର ବିଭିନ୍ନ ଦିଗ ସମ୍ପର୍କରେ ଅତିଥିମାନେ ବିସ୍ତୃତ ଆଲୋଚନା କରିଥିଲେ। ବାଲ୍ୟବିବାହ ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବ୍ଲକ ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟର ମହିଳା ପ୍ରତିନିଧି ଉପସ୍ଥିତ ରହି ନିଜର ମତ ପ୍ରକାଶ କରିଥିଲେ। ସିଡିପିଓ ଶୋଭାଗିନି ପଟେଲ ସଭା ପରିଚାଳନା କରିଥିଲେ।

# ବିଦ୍ୟୁତ୍ ଓ ଜଳ ସମସ୍ୟା ନେଇ ବୈଠକ



**ସମ୍ବଲପୁର, ୧୫।୩(ସମିସ):** ବଡ଼ବଜାର ଅଞ୍ଚଳରେ ଲାଗିରହିଥିବା ବିଦ୍ୟୁତ୍ ଓ ଜଳ ସମସ୍ୟା ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଅଞ୍ଚଳରେ ଉପୁଜୁଥିବା ପାଣି ସମସ୍ୟା ଓ ବିଦ୍ୟୁତ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ବୈଠକରେ ସଭାପତି ଜୟରାମ ବଣିଆଁ, ମହେଶ ଅଗ୍ରୱାଲ, ଶ୍ୟାମଲ ବିଶ୍ୱାସ, ରଜନିକାନ୍ତ ମେହେର, ଭାଗ୍ୟ ପଣ୍ଡା, ସୁଦାମ ସୁନା, ରଞ୍ଜନ ହୋତା, ଜୟଦେବ ମେହେର, ତେଜରାମ ସେଠ, ବାବୁଲି, ସରୋଜ ସେଠ ପ୍ରମୁଖ ଉପସ୍ଥିତ ଥିଲେ।

**ବିଜେଡି କାର୍ଯ୍ୟାଳୟରେ ମହିଳା ଦିବସ ପାଳିତ**

# ସ୍ୱୟଂ ସହାୟିକା ମହିଳାଙ୍କୁ ସମ୍ବର୍ଦ୍ଧନା

**ସମ୍ବଲପୁର, ୧୫।୩(ସମିସ):** କାଇଁଶିର ରୋଡ଼ ସ୍ଥିତ ବିଜେଡି କାର୍ଯ୍ୟାଳୟରେ ରାଜ୍ୟ ବିଜେଡି ସାଧାରଣ ସମ୍ପାଦକ ଇଂ.ସିଦ୍ଧାର୍ଥ ଦାସଙ୍କ ଉପସ୍ଥିତିରେ ବିଶ୍ୱ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସମ୍ବଲପୁର ମହାନଗର ଅନ୍ତର୍ଗତ ବହୁ ମହିଳା, ସ୍ୱୟଂ ସହାୟିକା ମହିଳା ଏକତ୍ରିତ ହୋଇଥିଲେ। ଓଡ଼ିଶା ମିଶନ ଶକ୍ତି ଏସଏଚଜି ତରଫରୁ ଓଡ଼ିଶାରୁ ଦୁବାଇ ଯାଇଥିବା ସ୍ୱୟଂ ସହାୟିକା ଗୋଷ୍ଠୀର ଉର୍ମିଳା ବାରିକ ଓ ଯାପମାଳି ପଗଡ଼ଙ୍କୁ ସମ୍ବଲପୁର ମହାନଗର ସ୍ୱୟଂସହାୟିକା ଗୋଷ୍ଠୀ ସମନ୍ୱୟ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୁବାଇ ଗସ୍ତର ସମସ୍ତ ଅନୁଭୂତି ସଦସ୍ୟଙ୍କ ମଧ୍ୟରେ ବଖାଣି ଥିଲେ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାରେ ମିଶନ ଶକ୍ତି ମାଧ୍ୟମରେ ମହିଳାମାନଙ୍କ ଆତ୍ମନିର୍ଭରତା ଓ ସ୍ୱୟଂ ସମ୍ପୂର୍ଣ୍ଣତା ନିମନ୍ତେ ବହୁ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ କୃତଜ୍ଞତା ପ୍ରକାଶ କରିଥିଲେ। ଜିଲ୍ଲାର ବରିଷ୍ଠ ମହିଳା ନେତ୍ରୀ ତଥା ଜୀବନ ବିନ୍ଦୁ ଜିଲ୍ଲା ସଂଯୋଜିକା କବିତା ପୁରୋହିତଙ୍କୁ ସମ୍ବଲପୁର ମହାନଗର ସ୍ୱୟଂସହାୟିକା ମହିଳା ଗୋଷ୍ଠୀ ସମନ୍ୱୟ ସମିତି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ମହିଳା ବିଜେଡି ରାଜ୍ୟ ସମ୍ପାଦିକା ମିତାଲି ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ଜିଲ୍ଲା ବିଜେଡି ସାଧାରଣ ସମ୍ପାଦକ ଦିଲୀପ ଦାଶ, ଜିଲ୍ଲା ଯୁବ ବିଜେଡି ସମ୍ପାଦକ ଇଂ.ଦୀନେଶ ସେଠ, ଯୁବ ନେତା ଲିଙ୍ଗରାଜ ତ୍ରିପାଠୀ, ନରେଶ ଭରଦ୍ୱାଜ, ଜୟନାରାୟଣ ନାଗ, ମହିଳା ବିଜେଡି ଜିଲ୍ଲା ଉପସଭାନେତ୍ରୀ ସୁବର୍ଣ୍ଣ ନାୟକ, ସବିତା ପଣ୍ଡା, ମମତା ମହାନ୍ତି, ଶୋଭା ସାହୁ, ବୀଣାପାଣି ଦାସ, ସନ୍ତୋଷିନୀ ମୁଣ୍ଡା, ମମତା ସାହୁ, କୌଶଲ୍ୟା ପ୍ରଧାନ, ନିବେଦିତା ପ୍ରଧାନ, ମୋନା ଦାସ, ପୁଷ୍ପା ବରାଡ, ବର୍ଷା ନାଗଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ବିଜେଡି ସାଧାରଣ ସମ୍ପାଦକ ଇଂ.ସିଦ୍ଧାର୍ଥ ଦାସ ଉପସ୍ଥିତ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାନଙ୍କୁ ସମସ୍ତ ସରକାରୀ ଯୋଜନା ସମ୍ପର୍କରେ ଅବଗତ କରାଇବା ସହ ସମ୍ବଲପୁର ମହାନଗରର ବିକାଶ ତଥା ରୁପାନ୍ତୀକରଣ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ।



# ସ୍କୁଟି ଚୋରି ଅଭିଯୋଗ

**ସମ୍ବଲପୁର, ୧୫।୩(ସମିସ):** ଅଇଁଠାପାଲି ଥାନା ପ୍ରଧାନ ପାଲି ନିବାସୀ ଗାୟତ୍ରୀ ମହାପାତ୍ରଙ୍କ ସ୍କୁଟି (ଓଡି ୧୫ ଏଫ ୮୧୧୭) ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପ୍ରଧାନ ପାଲିରେ ଏକ ଭଡା ଘରେ ରହୁଥିବା ଗାୟତ୍ରୀ ପରିବାର ସହ ଗତ ୮ ତାରିଖ ବାହରକୁ ଯାଇଥିଲେ। ୧୩ ତାରିଖ ଘରକୁ ଫେରିବା ପରେ ସ୍କୁଟି ଚୋରି ହୋଇଥିବା ଜାଣିବାକୁ ପାଇ ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

# ଛୁରିରେ ଆକ୍ରମଣ ଘଟଣା: ଜଣେ ଗିରଫ

**ବୁର୍ଲା,୧୫।୩(ସମିସ):** ବୁର୍ଲା ଥାନା ଚିପିଲିମା ଫାଣ୍ଡି ମରଂଗୋଲା ଗାଁରେ ଛୁରୀରେ ଆକ୍ରମଣ ଅଭିଯୋଗରେ ଜଣେ ଗିରଫ। ଗିରଫ ଅଭିଯୁକ୍ତ ଜଣକ ହେଲେ ଗିରିଶ ସୁନା (୨୨)। ସୂଚନା ଅନୁସାରେ ମରଂଗୋଲା ଗାଁର ମୂରଲୀ ତାଣ୍ଡିଆଙ୍କ ପୁଅକୁ ଗିରିଷ ସୁନା କୌଣସି କଥାକୁ ନେଇ ଛୁରୀରେ ଆକ୍ରମଣ କରିଥିବା ନେଇ ମୂରଲୀ ଚିପିଲିମା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ତେବେ ବୁର୍ଲା ପୋଲିସ ଏହି ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଗିରଫ କରିଛି।

# ଟ୍ରେନରୁ ପଡ଼ି ଯୁବକ ମୃତ

**ସମ୍ବଲପୁର, ୧୫।୩(ସମିସ):** ସମ୍ବଲପୁର ଜିଲ୍ଲା ସିନ୍ଦୁରପଙ୍କର ପଟାବାହଲ ଅଞ୍ଚଳର ୨୫ ବର୍ଷିୟ ଅମିତ ଷଣ୍ଢଙ୍କ ଟ୍ରେନରୁ ପଡ଼ି ମୃତ୍ୟୁ ଘଟିଥିବା ଜିଆରପି ପକ୍ଷରୁ ସୂଚନା ଦିଆଯାଇଛି। ଲପଙ୍ଗ ଠାରୁ ବିପିଏସଏଲ କ୍ୟାବିନ ମଧ୍ୟରେ କିମି ୫୨୪/୨୨-୨୦ରେ ଟ୍ରେନରୁ ପଡ଼ି ମୃତ୍ୟୁ ଘଟିଥିବା ଜଣା ପଡ଼ିଛି।

# ଜିଏମୟୁ ବାଣିଜ୍ୟ ବିଭାଗ ତରଫରୁ ଅଭିଭାବକ, ଶିକ୍ଷକ ସଭା




**ସମ୍ବଲପୁର, ୧୫।୩(ସମିସ):** ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ବାଣିଜ୍ୟ ବିଭାଗ ତରଫରୁ ଅଧ୍ୟାପନା ପ୍ରକୋଷ୍ଠ ୧ ଠାରେ ଅଭିଭାବକ ଓ ଶିକ୍ଷକ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ଓ ଅଭିଭାବକ ଦ୍ୱାରା ମା ସମଲେଶ୍ୱରୀଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ ସହ ଆରମ୍ଭ ହୋଇଥିଲା। ବିଶ୍ୱବିଦ୍ୟାଳୟର ଉପକୁଳସଚିବ ଡ଼ ଉମା ଚରଣ ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଫେସର ଶ୍ୟାମା ଚରଣ ଆଚାର୍ଯ୍ୟ ଏହି କାର୍ଯ୍ୟକ୍ରମର ଉଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍ . ନାଗାରାଜୁ ବିଭାଗୀୟ ନିଉଜ ଲେଟର 'କମର୍ସ କଥା' ଉନ୍ମୋଚନ କରିବା ସହ ଅଭିଭାବକମାନଙ୍କୁ ଭାଷଣ ମାଧ୍ୟମରେ ଉତ୍ସାହିତ କରିଥିଲେ। ବାଣିଜ୍ୟ ବିଭାଗର ବିଭାଗୀୟ ମୁଖ୍ୟ ଡ଼. ପ୍ରିୟବ୍ରତ ପଣ୍ଡା ବାଣିଜ୍ୟ ବିଭାଗର ସଫଳତା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ଅଭିଭାବକମାନେ ସେମାନଙ୍କର ମତାମତ ଦେଇଥିଲେ। ଏଥିରେ ଅଧ୍ୟାପିକା ସରୋଜା ମେହେର, ଶୁଭେଚ୍ଛା ନାୟକ ଓ ଝାନ୍ସୀ ରାଣୀ ପରିଡ଼ା ସହଯୋଗ କରିଥିଲେ। ଶେଷରେ ଅଧ୍ୟାପକ ଆମ୍ବ୍ରିସ ପ୍ରତାପ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗବେଷକ ଅର୍ଜୁନ ମହାରଣା, ଅରୁଣା ଶର୍ମା, ବିକାଶ ସେଠି ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସ୍ନାତକୋତ୍ତର ଛାତ୍ରଛାତ୍ରୀମାନେ ମଧ୍ୟ ସହଯୋଗ କରିଥିଲେ। ଏହି କାର୍ଯ୍ୟକ୍ରମରେ ୫୦ରୁ ଅଧିକ ଅଭିଭାବକ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଶେଷରେ ଅଭିଭାବକମାନେ ବାଣିଜ୍ୟ ବିଭାଗ ଓ ବିଶ୍ୱବିଦ୍ୟାଳୟର ଅନ୍ୟାନ୍ୟ କକ୍ଷ ପରିଦର୍ଶନ କରିଥିଲେ।

# ମେଣ୍ଟନେଇ ମୁହଁ ଖୋଲିଲେ ଜୟନାରାୟଣ
# ପାଖ ମାଡିବାକୁ ଜିଲ୍ଲା ସଭାପତିଙ୍କୁ ମନା

**ସମ୍ବଲପୁର, ୧୫।୩(ସମିସ):** ପ୍ରାୟ ୧୦ ମାସ ବ୍ୟବଧାନ ପରେ ସ୍ୱାସ୍ଥ୍ୟଗତ ସମସ୍ୟା ଯୋଗୁଁ ବିରୋଧିଦଳ ନେତା ତଥା ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ଆଜି ସମ୍ବଲପୁର ଫେରିଛନ୍ତି। ପ୍ରଥମେ ମାଁ ସମେଇଙ୍କ ଦର୍ଶନ କରି ଆଶିଷ ନେଇଥିଲେ। ମେଣ୍ଟକୁ ନେଇ ଗଣମାଧ୍ୟମ ଆଗରେ ମୁହଁ ଖୋଲିଥିଲେ। ସେ କହିଥିଲେ ମେଣ୍ଟକୁ ନେଇ ଆଜି ପର୍ଯ୍ୟନ୍ତ ବିଜେପିର ରାଜ୍ୟ ଓ କେନ୍ଦ୍ର ସ୍ତରର କୌଣସି ଦଳୀୟ ପଦାଧିକାରି କିଛି କହି ନାହାନ୍ତି। ସୂଚନା ଦେଇ ନାହାନ୍ତି। ତେଣୁ ମେଣ୍ଟ ହେବାର ପ୍ରଶ୍ନ କେଉଁଠୁ ଆସିଲା। ରାଜ୍ୟ ପକ୍ଷରୁ ଆଲୋଚନା କଲେ ଏହି ନିଷ୍ପତି କେନ୍ଦ୍ର ନେବ ବୋଲି କହିଥିଲେ। ବହୁ ଦିନରୁ ଅନୁପସ୍ଥିତ ରହି ମଧ୍ୟ ସମ୍ବଲପୁରବାସୀଙ୍କ ସହ ଯୋଗାଯୋଗରେ ଥିଲେ। ଲୋକଙ୍କ ସେବା କରୁଥିଲେ। ମନ୍ଦିରରେ ଜୟଙ୍କ ସମର୍ଥକ ମାନେ ଉପସ୍ଥିତ ରହିଥିଲେ। ଅନପକ୍ଷେ ଜୟଙ୍କ ସମ୍ବଲପୁର ଗସ୍ତ ପରେ ତାଙ୍କ ସମର୍ଥକମାନେ ଉତ୍ସାହମନାଇ ସ୍ୱାଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଗିରୀଶ ପଟେଲଙ୍କୁ ଜୟଙ୍କ ପାଖକୁ ଯିବାକୁ ଜୟଙ୍କ ସମର୍ଥକମାନେ ବାରଣ କରିଥିଲେ। ପ୍ରଥମେ ସମଲେଇ ମନ୍ଦିରରେ ଜୟଙ୍କୁ ଭେଟିବାକୁ ଗିରୀଶ ପହଞ୍ଚିଥିଲେ। ଏହି ସମୟରେ ସମର୍ଥକମାନେ ହାତକୁ ହାତ ଯୋଡି ଗିରୀଶଙ୍କୁ ଜୟଙ୍କ ପାଖକୁ ଯାଇ ଦେଇ ନଥିଲେ। ବିନା ନିମନ୍ତ୍ରଣରେ କାହିଁକି ଏଠାକୁ ଆସିଛ ବୋଲି କେତେ ଜଣ ପ୍ରଶ୍ନ କରିବାକୁ ମଧ୍ୟ ପଛାଇନଥିଲେ। ସେଠାରୁ ଗିରୀଶ ଚାଲି ଆସିଥିଲେ। ସେହିପରି ବିଜେପି କାର୍ଯ୍ୟଳୟରେ ଜୟଙ୍କୁ ଉପଢୌକନ ଓ ଫୁଲମାଳ ଦେଇ ଗିରୀଶ ଶୁଭେଚ୍ଛା ଦେବାକୁ ଚେଷ୍ଟା କରିଥିଲେ। ଏହି ସମୟରେ ମଧ୍ୟ ଜୟଙ୍କ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଗିରୀଶଙ୍କୁ ବାରଣ କରାଯାଇଥିବା ଜଣା ପଡ଼ିଛି। ଜୟ ଆସିବା ପରେ ସମର୍ଥକ ଆତ୍ମବିଶ୍ୱାସ ବୃଦ୍ଧି ପାଇଥିବା ଏହି ଘଟଣାରୁ ଜଣା ପଡ଼ିଛି। ଏହା ସହ ବିଜେପିର ଗୋଷ୍ଠୀ କନ୍ଦଳ ପୁଣି ପଦାରେ ପଡ଼ିଛି। ଏହି ସମ୍ପର୍କରେ ବିଜେପି ଜିଲ୍ଲା ସଭାପତି ପଟେଲ କହିଛନ୍ତି ସେହି ଭଳି କିଛି ଘଟଣା ଘଟିନାହିଁ। ଜୟ ଦାଦାଙ୍କୁ ଭେଟିଲି ଓ ଶୁଭେଚ୍ଛା ଜଣାଇ ଫେରି ଆସିଲି। ମୋର ସ୍ୱାସ୍ଥ୍ୟ ଗତ ସମସ୍ୟା ଥିବା ଯୋଗୁଁ ଭିଡ ଠାରୁ ଦୁରେଇ ରହିଲି ବୋଲି କହିଥିଲେ।

# ବିଏସପି ପ୍ରତିଷ୍ଠାତାଙ୍କ ଜୟନ୍ତୀ ପାଳିତ

**ସମ୍ବଲପୁର, ୧୫।୩(ସମିସ):** ସମ୍ବଲପୁର ଜିଲ୍ଲା ବିଏସପି ପକ୍ଷରୁ ସହରର ଆମ୍ବେଦକର ଭବନ ଠାରେ ବିଏସପି ପ୍ରତିଷ୍ଠାତା କାଂଶୀରାମ ସାହେବଙ୍କ ୯୦ ତମ ଜୟନ୍ତୀ ପାଳନ କରାଯାଇଛି। ବିଏସପି ଜିଲ୍ଲା ସଭାପତି ଆଇନଜୀବୀ ଦିଲିପ୍ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଏସପି ଲୋକସଭା ପ୍ରଭାରୀ ନବୀନ ନାଏକ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ। ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ବିଏସପି ଜିଲ୍ଲା ପ୍ରଭାରି ସଦାନନ୍ଦ ରଣବିଢା, ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଭାକର କୁମାର ରଞ୍ଜିତ, ଜିଲ୍ଲା ସମ୍ପାଦକ ବିଭୁଦତ୍ତ କୋଶଳ, ରେଙ୍ଗାଲିର ବିଏସପି ନେତ୍ରୀ ମମତା ମଞ୍ଜରୀ ବେହେରା, ସମ୍ବଲପୁର ବିଧାନସଭା ନେତା ସୁରେଶ ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରତିଷ୍ଠାତାଙ୍କ ଅବଦାନ ନେଇ ସ୍ମୃତିଚାରଣ କରାଯାଇଥିଲା। ଏଥିରେ ଜିଲ୍ଲାର ୯ ଗୋଟି ବ୍ଲକରୁ ସବୁ ବିଏସପି କର୍ମୀ ଉପସ୍ଥିତ ରହିଥିଲେ।



# ଦ୍ୱିତୀୟ ଦିନରେ ଭିମସାର ଜୁନିୟର ଡାକ୍ତରଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

**ବୁର୍ଲା, ୧୫।୩ (ସମିସ)**

ବୁର୍ଲା ଭିମସାର ଜୁନିୟର ଡାକ୍ତର ସଂଘ ପକ୍ଷରୁ ୧୪ ଦଫା ଦାବି ନେଇ କାର୍ଯ୍ୟବନ୍ଦ ଆନ୍ଦୋଳନ ଦ୍ୱିତୀୟ ଦିନରେ ପହଞ୍ଚିଛି। ମେଡିକାଲ ସମ୍ମୁଖରେ ଆଜି ମଧ୍ୟ ଧାରଣାରେ ବସିଥିଲେ। ଭିମସାରର ହାଉସ ସର୍ଜନ ଓ ୟୁଜି ମେଡିକାଲ ଛାତ୍ରଛାତ୍ରୀ ନିଜ ଜିଦରେ ଅଟଳ ରହିଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ଆନ୍ଦୋଳନ କରୁଥିବା ଛାତ୍ରଛାତ୍ରୀଙ୍କ ସହ ବାରମ୍ବାର ଆଲୋଚନା ପରେ ମଧ୍ୟ ସଫଳ ହୋଇପାରିଲା ନାହିଁ। ସକାଳୁ ଆନ୍ଦୋଳକୁ ଓହ୍ଲାଇଥିଲେ। ଜରୁରୀ ସେବା ବ୍ୟତୀତ ପ୍ରାୟ ସବୁ ବିଭାଗରେ ଚିକିତ୍ସା ସେବା ବାଧାପ୍ରାପ୍ତ ହୋଇଥିଲା। ଆଗକୁ ଜରୁରି ସେବା ମଧ୍ୟ ବନ୍ଦ ପରିଦେବେ ବୋଲି ଚେତାବନୀ ଦେଇଛନ୍ତି। ସୂଚନା ଅନୁସାରେ ଭିମସାର ସ୍ୱୟଂଶାସିତ ମେଡିକାଲ ହୋଇଥିବା ବେଳେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅଧିନରେ ପରୀକ୍ଷା ନକରିବା, ଶିକ୍ଷା ଋଣ ଓ ଷ୍ଟାଇପେଣ୍ଡ ଆବେଦନରେ ସରଳତା, ହଷ୍ଟେଲରେ ବିଭିନ୍ନ ସମସ୍ୟାର ସମାଧାନ, ଏମ୍‌ଆର୍‌ଆଇ ସେବା କାର୍ଯ୍ୟକ୍ଷମ ପରି ୧୪ଟି ଦାବି ରହିଛି। ମେଡିକାଲର ବିଭିନ୍ନ ସମସ୍ୟା ତଥା ଡାକ୍ତରୀ ଛାତ୍ରଙ୍କ ଷ୍ଟାଇପେଣ୍ଡ ନମିଳିବା ସମସ୍ୟା ନେଇ ଦୀର୍ଘ ୬ମାସ ଧରି ଦାବି କରାଯାଇ ଆସୁଥିଲା। ତେବେ ବୁଧବାର ସୁଦ୍ଧା ମେଡିକାଲ କଲେଜ କର୍ତ୍ତୃପକ୍ଷ ତଥା ରାଜ୍ୟ ସରକାର କୌଣସି ସକାରତ୍ମକ ପଦକ୍ଷେପ ନନେବାରୁ ଆଜିଠାରୁ କାର୍ଯ୍ୟବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ରୋଗୀଙ୍କ ଅସୁବିଧାକୁ ନଜରରେ ରଖି ଛାତ୍ରଛାତ୍ରୀ ଅତ୍ୟାବଶ୍ୟକ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି। ବିଗତ ୭ ଦିନ ଦିନ ଧରି ଛାତ୍ରଛାତ୍ରୀମାନେ କଳା ବ୍ୟାଚ ପିନ୍ଧି ଏହାର ପ୍ରତିବାଦ କରି ଆସୁଥିଲେ। ପଶ୍ଚିମ ଓଡ଼ିଶା ସହ ରାଜ୍ୟ ବାହାରର ରୋଗୀ ନିର୍ଭର କରନ୍ତି। ଏହି ସେବା ପାଇଁ ରୋଗୀଙ୍କୁ ପ୍ରାଇଭେଟ ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡୁଛି। ଓଟି, ଆଇସିୟୁ କମ୍ପ୍ଲେକ୍ସ ୫ ବର୍ଷ ହେଲା ତିଆରି ହୋଇ ସାରିଥିଲେ ମଧ୍ୟ ଏହା କାର୍ଯ୍ୟକ୍ଷମ ହୋଇ ପାରିନାହିଁ। ରୋଗୀଙ୍କ ପାଇଁ ଇଲେକ୍ଟ୍ରିକ ଭେଇକିଲ ସେବା ନାହିଁ କି ମେଡିକାଲରେ ସିସିଟିଭି ବ୍ୟବସ୍ଥା ନାହିଁ। ଏହା ଫଳରେ ରୋଗୀମାନେ ଗୋଟିଏ ୱାର୍ଡରୁ ଅନ୍ୟ ୱାର୍ଡକୁ ଯିବା ଆସିବାରେ ଅସୁବିଧା ହେଉଛି।

